**ସଂକ୍ଷେପରେ**

## ସାପ କାମୁଡ଼ାରେ ଚାଷୀ ମୃତ

ସାବରଙ୍ଗ, ୯।୨(କାଳୀପଦ ରାୟ)

ବାସୁଦେବପୁର ଥାନା ଅଧୀନ ନୂଆଗାଁ ପଞ୍ଚାୟତର ଉହାଡ ଗ୍ରାମରେ ସାପ କାମୁଡ଼ାରେ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗ୍ରାମର ଗଣେଶ ନାୟକ(୫୨)। ସେ ଶନିବାର ପୂର୍ବାହ୍ନରେ ବିଲକୁ ଚାଷ କାମ କରିବାକୁ ଯାଇଥିଲେ। ତାଙ୍କ ସ୍ତ୍ରୀ ବିଲକୁ ଖାଦ୍ୟ ନେଇ ଯାଇଥିବା ବେଳେ ଗଣେଶଙ୍କୁ ସାପ କାମୁଡ଼ିଥିବା ଜାଣିବାକୁ ପାଇଥିଲେ। ଗ୍ରାମବାସୀଙ୍କ ସହାୟତାରେ ତାଙ୍କୁ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରବିବାର ମୃତଦେହ ବ୍ୟବଚ୍ଛେଦ କରାଯାଇଛି।

## ୧୯୮୮ ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁମିଳନ

ଭଣ୍ଡାରିପୋଖରୀ,୯।୨(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକ ମାଳଦା ସରକାରୀ ଉଚ୍ଚ ବିଦ୍ୟାଳୟର ୧୯୮୮ ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁମିଳନ ରବିବାର ପୂର୍ବାହ୍ନ ୧୧ଟାରେ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଦିବଂଗତ ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କ ପାଇଁ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ପୂର୍ବତନ ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର କୁଅଁର, ବଟକୃଷ୍ଣ ରାଉତ, ଘନଶ୍ୟାମ ପରିଡ଼ା, ଯଦୁମଣି ଦାସ, ରବୀନ୍ଦ୍ର ମଲ୍ଲିକ, ହରେକୃଷ୍ଣ ଦୋବେଇ, ଧରଣୀଧର ଦାଶ, ଜିଲା ପରିଷଦ ସଭ୍ୟ ଉତ୍କଳ କେଶରୀ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ପୁରାତନ ବିଦ୍ୟାର୍ଥୀ ସୀମାରାଣୀ ରାଉତ, ପ୍ରଦୀପ ଖିଲାର, ରାଜେଶ ସାମଲ, ଝୁନୁଲତା ସାମଲ, ପ୍ରଭାତୀ ବାରିକ୍, ଚମ୍ପକଲତା ପାଢ଼ୀ ପ୍ରମୁଖଙ୍କ ସହଯୋଗରେ ବନ୍ଧୁମିଳନ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଉପସ୍ଥିତ ଶିକ୍ଷକମାନଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ଧର୍ମପରାୟଣା ମହିଳାଙ୍କ ପରଲୋକ

ଭୁବନେଶ୍ୱର,୯।୨ (ଅଭୟ ଦାଶ)

ରବିବାର ସକାଳ ୭ ଘଟିକାରେ ଠାକୁର ପୂଜା ପାଇଁ ଫୁଲ ତୋଳିବାକୁ ବଗିଚାକୁ ଯାଇଥିବାବେଳେ ଭଦ୍ରକ ଜିଲାର ଚାନ୍ଦବାଲି ନିକଟସ୍ଥ କରଣପୋଖରୀ ଗ୍ରାମର ପଦ୍ମାବତୀ ଦାଶଙ୍କର ହୃଦ୍‌ଘାତରେ ପରଲୋକ ହୋଇଛି। ମୃତ୍ୟୁବେଳକୁ ତାଙ୍କୁ ୭୦ବର୍ଷ ହୋଇଥିଲା। ତାଙ୍କର ୪ପୁଅ ଓ ଜଣେ ଝିଅ ଅଛନ୍ତି। ଅପରପକ୍ଷରେ ସ୍ୱାମୀ ଭାଗୀରଥି ଦାଶ ତୀର୍ଥ କରିବାକୁ କୁମ୍ଭମେଳାକୁ ଯାଇଥିଲାବେଳେ ସ୍ତ୍ରୀ ପଦ୍ମାବତୀଙ୍କର ମୃତ୍ୟୁ ଘଟିଛି। ସେ ସ୍ଥାନୀୟ ଅଞ୍ଚଳରେ ବେଶ୍ ପରିଚିତ ଓ ଜଣେ ଧର୍ମପରାୟଣା ମହିଳା ଭାବେ ଜଣାଶୁଣା। ରବିବାର ସକାଳେ ଛାତି ଯନ୍ତ୍ରଣା ହେବାରୁ ପରିବାର ଲୋକେ ତାଙ୍କୁ ନିକଟସ୍ଥ ଚାନ୍ଦବାଲି ସରକାରୀ ମେଡିକାଲକୁ ନେଇଯାଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସନ୍ଧ୍ୟାରେ ତାଙ୍କର ଶେଷକୃତ୍ୟ ବୈଷ୍ଣବ ଜାତିର ପରମ୍ପରା ଅନୁଯାୟୀ ସାହି ଓ ସପରିବାର ଏବଂ ବନ୍ଧୁବାନ୍ଧବଙ୍କ ଉପସ୍ଥିତିରେ ସମ୍ପନ୍ନ କରାଯାଇଥିଲା।



ପଦ୍ମାବତୀ ଦାଶ

# କ୍ଷତିପୂରଣ ଦାବିରେ ରାସ୍ତାରୋକୋ



ଜାମୁଝାଡ଼ି-ଧାମରା ରାସ୍ତାର ଡିପିଓରାଠାରେ ଟାୟାର ଜାଳି ରାସ୍ତାରୋକୋ କରାଯାଇଛି।

ସାବରଙ୍ଗ,୯।୨(କାଳିପଦ ରାୟ)

ବାସୁଦେବପୁର ବ୍ଲକ ଅଧୀନ ଡିପିଓରାଠାରେ ରବିବାର ଅପରାହ୍ନ ୫ଟାରେ ବାଇକ୍ ଧକ୍କାରେ ଜଣେ ନାବାଳିକାଙ୍କ ମୃତ୍ୟୁ ଘଟିଛି। ମୃତା ନାବାଳିକା ହେଲେ ବାଲିମୁଣ୍ଡା ପଞ୍ଚାୟତ କାଳିଆବୋଦା ଗ୍ରାମର ସୁମିତ୍ରା ପାଲ୍(୧୪)। ଦୁର୍ଘଟଣା ପରେ ସେଠାରେ ଉତ୍ତେଜନା ଦେଖାଦେଇଛି। କ୍ଷତିପୂରଣ ଦାବିରେ ରାସ୍ତାରୋକୋ କରାଯାଇଥିଲା। ସୂଚନା ଅନୁଯାୟୀ, ସୁମିତ୍ରା

### ବାଇକ୍ ଧକ୍କାରେ ନାବାଳିକା ମୃତ

ବିଦେଇପୁର ମକର ମେଳା ଦେଖି ସାଇକେଲରେ ଘରକୁ ଫେରୁଥିବା ବେଳେ ଡିପିଓରା ଛକରେ ଧାମରା ଆଡୁ ଆସୁଥିବା ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ଉଦ୍ଧାର କରି ଚିକିତ୍ସା ପାଇଁ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତା ନାବାଳିକାଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକେ ଡିପିଓରାଠାରେ ରାସ୍ତାରୋକୋ କରିଥିଲେ। ଫଳରେ ଜାମୁଝାଡ଼ି-ଧାମରା ରାସ୍ତାରେ ଯାତାୟାତ କରୁଥିବା ଗାଡ଼ିଗୁଡ଼ିକ ଉଭୟ ପାର୍ଶ୍ୱରେ ଅଟକି ରହିଥିଲା। ନାୟକାଣିଡିହୀ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ ମଧ୍ୟ ରାସ୍ତାରୋକୋ ଜାରି ରହିଥିଲା।

# ନିଶା ସେବନରୁ ଦୂରେଇ ରହିବାକୁ ଶପଥ




ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିମାନେ।

ଧୂଷୁରୀ, ୯।୨ (ଦୀପ୍ତିରଞ୍ଜନ ନାୟକ)

ଧାମନଗର ବ୍ଲକର ସାହୁସାହି ଶ୍ରୀଜଗନ୍ନାଥ ଉଚ୍ଚ ବିଦ୍ୟାଳୟ ପରିସରରେ ୭ଦିନ ବ୍ୟାପୀ ବାବାମଣି ସ୍ନାତକ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ସ୍ୱତନ୍ତ୍ର ଶିବିରର ତୃତୀୟ ଦିବସରେ ନିଶା ନିବାରଣ ସମ୍ପର୍କିତ ଆଲୋଚନାଚକ୍ର ରବିବାର ଅପରାହ୍ନ ୪ଟାରେ ଅନୁଷ୍ଠିତ ହୋଇଯାଇଛି। ସେବା ଯୋଜନା ଅଧିକାରୀ ଅଧ୍ୟାପକ ବିଜୟ କୁମାର ଦାଶଙ୍କ ସଂଯୋଜନାରେ ଆୟୋଜିତ ଏହି ଆଲୋଚନାଚକ୍ରରେ ଜିଲା ନିଶା ନିବାରଣ ସଂଗଠନ ସଭାପତିଙ୍କ ସମେତ ରାଜ୍ୟ ନିଶା ନିବାରଣ ସଂଗଠନ ସମ୍ପାଦକ ସନ୍ତୋଷ କୁମାର ଦାସ, ସଂଯୋଜକ ଲତିବ କୁମାର ଓଝା, ଜିଲା ସମ୍ପାଦକ ରତିକାନ୍ତ ନାୟକ, ଆଇନଜୀବୀ ରମେଶ ଚନ୍ଦ୍ର ବେହେରା, ଅଧ୍ୟାପକ ନିକୁଞ୍ଜ କିଶୋର ଜେନା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସେବା ଯୋଜନା ଶିବିରରେ ଶିବିରାର୍ଥୀ ଭାବେ ଯୋଗ ଦେଇଥିବା ଛାତ୍ରୀଛାତ୍ର ନିଶା ସେବନରୁ ଦୂରେଇ ରହିବାକୁ ଶପଥପାଠ କରିଥିଲେ। ପ୍ରଥମେ ନିଜ ପରିବାରର କେହି ନିଶା ସେବନ କରୁଥିଲେ, ତାଙ୍କୁ ବଦଳାଇଲେ ଏକ ନିଶାମୁକ୍ତ ସମାଜ ଗଠନ ହୋଇପାରିବ ବୋଲି ଅତିଥିମାନେ କହିଥିଲେ। ଅଧ୍ୟାପକ ଶିବ ପ୍ରସାଦ ସାହୁ, କାହ୍ନୁ ଚରଣ ବାରିକ, ଅଧ୍ୟାପିକା ମାନସୀ ସାହୁ, କରିସ୍ମା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ବିଶ୍ୱହିନ୍ଦୁ ପରିଷଦର ଶୋଭାଯାତ୍ରା




ଶୋଭାଯାତ୍ରା ଭଦ୍ରକ ସହର ପରିକ୍ରମା କରୁଛି।

ଭଦ୍ରକ,୯।୨(ସନାତନ ରାଉତ)

ବିଶ୍ୱ ହିନ୍ଦୁ ପରିଷଦ, ଗାନ୍ଧୀପଡ଼ିଆ ସତସଙ୍ଗ କେନ୍ଦ୍ର ପକ୍ଷରୁ ଭଦ୍ରକ ପୌରପାଳିକା ଓ ବ୍ଲକର ବିଭିନ୍ନ ଅନୁସୂଚିତ ଜାତି, ଆଦିବାସୀ ସାହି ବସ୍ତିରୁ ବହୁ ଲୋକଙ୍କୁ ନେଇ ରବିବାର ଏକ ବିଶାଳ ଶୋଭାଯାତ୍ରା କରାଯାଇଛି। ଭଦ୍ରକ ନେହେରୁ ଷ୍ଟାଡିୟମରୁ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ଶହୀଦ ସ୍ମୃତି ଭବନରେ ପହଞ୍ଚିଥିଲା। ସେଠାରେ ଅନୁଷ୍ଠିତ ସମାବେଶରେ ଅତିଥିମାନେ ଧର୍ମ, ସଂସ୍କୃତି ଓ ପରମ୍ପରାର ସୁରକ୍ଷା, ଗୋସେବା ଓ ଗୋରକ୍ଷା କ୍ଷେତ୍ରରେ ଆଦିବାସୀ, ଅନୁସୂଚିତ ଜାତିଙ୍କର ଅବଦାନ ସର୍ବଦା ଗୁରୁତ୍ୱପୂର୍ଣ୍ଣ ରହିଆସିଛି ବୋଲି କହିଥିଲେ। ମୁଖ୍ୟଅତିଥି ଭାବେ ବିଶ୍ୱହିନ୍ଦୁ ପରିଷଦର ପ୍ରାନ୍ତ ସତ୍‌ସଙ୍ଗ ପ୍ରମୁଖ ହରିହର ତ୍ରିପାଠୀ, ମୁଖ୍ୟବକ୍ତା ପ୍ରବଚକ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ଅନ୍ୟତମ ଅତିଥି ଭାବେ ରାମକୃଷ୍ଣ ମିଶନ ତଥା ହିନ୍ଦୁ ଧର୍ମର ସନ୍ଥ ସ୍ୱାମୀ ଆଶ୍ରୟାନନ୍ଦଜୀ ମହାରାଜ, ଗୋହିରାଟିକିରି ଆଶ୍ରମର ଆଚାର୍ଯ୍ୟ ସ୍ୱାମୀ ଦଣ୍ଡଧାରୀ ଦାସ ଓ ବିଶ୍ୱହିନ୍ଦୁ ପରିଷଦର ଭଦ୍ରକ ଜିଲା ଉପସଭାପତି ନାଟ୍ୟଶ୍ରୀ ନିର୍ମଳ ରାଉତ ଯୋଗ ଦେଇଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ଜିଲାପାଳ ଦିଲୀପ କୁମାର ରାଉତରାଏ ଯୋଗଦେଇ ଏକ ନିଆରା ଭାରତୀୟ ପରମ୍ପରାକୁ ବଜାୟ ରଖିବା ଭଳି ଆଧାରିତ କାର୍ଯ୍ୟକ୍ରମ ଆୟୋଜନକୁ ପ୍ରଶଂସା କରିଥିଲେ। ବରିଷ୍ଠ କାର୍ଯ୍ୟକର୍ତ୍ତା ଗୋବିନ୍ଦ ଚନ୍ଦ୍ର ରାଉତ ସଭାପତିତ୍ୱ କରିଥିବା ବେଳେ ବିଶ୍ୱହିନ୍ଦୁ ପରିଷଦର ଜିଲା ସହସମ୍ପାଦକ ଶିବ ଶଙ୍କର ଦାସ ଅତିଥିମାନଙ୍କୁ ମଞ୍ଚ ଆହ୍ୱାନ କରିଥିଲେ। ବଜରଙ୍ଗ ଦଳର ପୂର୍ବତନ ବିଭାଗ ସଂଯୋଜକ ସ୍ୱାଧୀନ ସୁନ୍ଦର ଦାସ ଅତିଥି ପରିଚୟ ଦେଇଥିଲେ। ସମାବେଶରେ ୫୫ଜଣ ସାହି ମୁଖିଆଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଶ୍ୱହିନ୍ଦୁ ପରିଷଦର ବରିଷ୍ଠ କାର୍ଯ୍ୟକର୍ତ୍ତା ନିରଞ୍ଜନ ସାହୁ, ରାମଚନ୍ଦ୍ର ପଣ୍ଡା, ପାର୍ଥସାରଥୀ ଦାସ, ଅଜୟ ଦ୍ୱିବେଦୀ, ବିଜୟ ଭୂଷଣ ନାୟକ, ଟି. ରାଜଲକ୍ଷ୍ମୀ, ଶ୍ରୀକାନ୍ତ ତ୍ରିପାଠୀ, ପୁରୁଷୋତ୍ତମ ମହାନ୍ତି, ସୁବାସ ମିଶ୍ର, ପ୍ରଦୀପ କୁମାର ପୁହାଣ, ଶ୍ରୀକାନ୍ତ ଲେଙ୍କା, ଶରତ ପଡ଼ିଆରୀ, ମାନସ ବାରିକ, ନିତ୍ୟାନନ୍ଦ ନାୟକ, ହୃଷୀକେଶ ନାଥ, ବୃନ୍ଦାବନ ଜେନା, ସଞ୍ଜୟ ରାଉତ ପ୍ରମୁଖ ସମାବେଶ ଓ ଶୋଭାଯାତ୍ରାରେ ସାମିଲ ଥିଲେ।

## ବିବାହକୁ ନେଇ ବିବାଦ

### ଉଭୟ ପକ୍ଷରୁ ଦେବେ ଧାରଣା

ତିହିଡ଼ି, ୯।୨(ସଞ୍ଜିତ ବଳ)

ବିବାହକୁ ନେଇ ବିବାଦ। ଏସ୍‌ପିଙ୍କ କାର୍ଯ୍ୟାଳୟ ସାମ୍ନାରେ ଶାଶୁଘର ଲୋକେ ଏବଂ ଶାଶୁଘର ସାମ୍ନାରେ ବୋହୂ ଧାରଣା ଦେବେ। ଉଭୟ ପକ୍ଷରୁ ସୋମବାର ଧାରଣା ଦିଆଯିବ ବୋଲି ଶନିବାର ମଧ୍ୟାହ୍ନରେ ଏସ୍‌ପିଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ତିହିଡ଼ି ଥାନା ଅଧୀନ ରାଢ଼ଙ୍ଗ ଅଞ୍ଚଳର ଜଣେ ମହିଳା ଅଭିଯୋଗରେ ଦର୍ଶାଇଛନ୍ତି ଯେ, ତାଙ୍କ ପୁଅ ୨୦୨୦ରେ ଅର୍ଜୁନବିନ୍ଧା ଅଞ୍ଚଳର ଜଣେ ଯୁବତୀଙ୍କୁ ଭଦ୍ରକ ହଳଦୀଡିହସ୍ଥିତ ଭାରତମାତା ମନ୍ଦିରରେ ବିବାହ କରିଥିଲେ। ଚତୁର୍ଥୀ ରାତିରେ ତାଙ୍କ ବୋହୂ କେଉଁଆଡ଼େ ଫେରାର ହୋଇଯାଇଥିଲେ। ପରେ ସେ ତାଙ୍କ ପୁଅକୁ ହଇରାଣ କରିବା ଉଦ୍ଦେଶ୍ୟରେ ବିଭିନ୍ନ ଥାନାରେ ଅଭିଯୋଗ କରିବା ସହ କୋର୍ଟରେ ଏକ ମକଦ୍ଦମା ମଧ୍ୟ କରିଛନ୍ତି। ମୋଟା ଅଙ୍କର ଅର୍ଥ ଦାବି କରି ସେ ତାଙ୍କ ପରିବାରକୁ ଶାନ୍ତିରେ ରଖାଇ ଦେଉ ନ ଥିବାରୁ ନ୍ୟାୟ ପାଇଁ ପରିବାର ସହ ଧାରଣା ଦେବେ। ଅପରପକ୍ଷେ ତାଙ୍କ ବୋହୂ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଜଣେ କିନ୍ନର ସହ ତାଙ୍କ ବିବାହ କରି ଶାଶୁଘର ଲୋକେ ତାଙ୍କୁ ଠକି ଦେଇଛନ୍ତି। ସେମାନଙ୍କ ପ୍ରତି ଦଣ୍ଡ ବିଧାନର ଦାବି କରି ସେ ନିଜ ମା' ଓ ସହଯୋଗୀଙ୍କ ସହ ଶାଶୁଘର ସାମ୍ନାରେ ଧାରଣା ଦେବାକୁ ନିଷ୍ପତ୍ତି ନେଇଛନ୍ତି। ଏପରିକି ସେ ସେଠାରେ ଟେଣ୍ଟ ମାରି ରୋଷେଇ କରି ଖାଇବାକୁ ସ୍ଥିର କରିଥିବା ଦର୍ଶାଇଛନ୍ତି।

# ଯାଦବ ମହାସଭାର ବନ୍ଧୁମିଳନ



ବନ୍ଧୁମିଳନ ଉତ୍ସବରେ ଯାଦବ ମହାସଭାର କର୍ମକର୍ତ୍ତା।

ଧାମନଗର, ୯।୨ (ଦେବେନ୍ଦ୍ର ଆଦ୍ଦିଆ)

ଧାମନଗର ବ୍ଲକ ଯାଦବ ମହାସଭା ପକ୍ଷରୁ ରବିବାର ପୂର୍ବାହ୍ନ ୧୧ଟାରେ ଖଡ଼ିପଦା ପଞ୍ଚାୟତର କାଞ୍ଜିଆପାଳସ୍ଥିତ ଯଜ୍ଞ ପଡ଼ିଆରେ ବନ୍ଧୁମିଳନ ଓ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯାଦବ ମହାସଭାର ବ୍ଲକ ସଭାପତି ସୁବାସ ଚନ୍ଦ୍ର ବାରିକଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ କାର୍ଯ୍ୟକାରୀ ସଭାପତି ଅନିଲ କୁମାର ବାରିକ, ସମ୍ପାଦକ ମାଧବ ଚନ୍ଦ୍ର ଖଟୁଆ, ରବୀନ୍ଦ୍ର ନାଥ ଦାସ, ପରମାନନ୍ଦ ଖିଲାର, ମାନଗୋବିନ୍ଦ ଦାସ, ବିଶ୍ୱନାଥ ବେହେରା, ଅମରେଶ ପଲାଇ, ନକୁଳ ଦେବ ପାତ୍ର, ସୟମ୍ଭୁ ଦାସ, ଅବଧୂତ ଦାସ, ଆଦିତ୍ୟ ଦାସ, ଚକ୍ରଧର ବେହେରା, ଭଗବାନ ଦାସ, କୈଳାସ ଦାସ ଓ କାଞ୍ଜିଆପାଳ ଯାଦବ ସମିତିର ସମସ୍ତ କର୍ମକର୍ତ୍ତା ଯୋଗ ଦେଇଥିଲେ। ସମସ୍ତ କର୍ମକର୍ତ୍ତା ଯାଦବ ମହାସଭା ପାଇଁ କିଛି ଅନୁଦାନ ପ୍ରଦାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ଯଜ୍ଞ ପଡ଼ିଆରେ ପଡ଼ିଥିବା ଅଦରକାରୀ ବର୍ଜ୍ୟବସ୍ତୁକୁ ସଫା କରାଯାଇଥିଲା।

# ତେଜିଲା ନୂତନ ବ୍ଲକ୍ ଦାବି

ବାସୁଦେବପୁର,୯।୨(ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲାର ବାସୁଦେବପୁରରେ ନୂତନ ବ୍ଲକ୍ ପାଇଁ ଦାବି ତେଜିବାରେ ଲାଗିଛି। ବାସୁଦେବପୁର ବ୍ଲକର କରଞ୍ଜଆଡ଼ିଆସ୍ଥିତ ନବଘନ ମହାବିଦ୍ୟାଳୟ ସଂଲଗ୍ନ ପଡ଼ିଆରୁ ୧୬ରୁ ଊର୍ଦ୍ଧ୍ୱ ପଞ୍ଚାୟତର ବୁଦ୍ଧିଜୀବୀ, ଲୋକ ପ୍ରତିନିଧି ଓ ପଞ୍ଚାୟତ ପ୍ରତିନିଧି ଏକତ୍ର ହୋଇ ଏକ ନୂତନ ବ୍ଲକ୍ ଗଠନ ପାଇଁ ଦାବି କରିଛନ୍ତି। ମାସକ ମଧ୍ୟରେ ଅଞ୍ଚଳବାସୀଙ୍କର ଏହା ୨ୟ ବୈଠକ। ଏହି ବ୍ଲକ୍ ୩୬ ପଞ୍ଚାୟତକୁ ନେଇ ଗଠିତ। ରାଜ୍ୟ ସରକାର ନୂତନ ବ୍ଲକ୍ ଗଠନ ପାଇଁ ପ୍ରସ୍ତାବ ରଖିଥିବା ବେଳେ ଏ ଅଞ୍ଚଳର ୧୬ରୁ ଊର୍ଦ୍ଧ୍ୱ ପଞ୍ଚାୟତବାସୀ ଏକାଠି ହୋଇ ବାସୁଦେବପୁର ବ୍ଲକ୍‌ରୁ ଅଲଗା ହୋଇ ଏକ ନୂତନ ବ୍ଲକ୍ ଗଠନ ନିମନ୍ତେ ଦାବି କରିଛନ୍ତି। ଦୂରତା ଦୃଷ୍ଟିକୋଣରୁ ଓ ଗ୍ରାମାଞ୍ଚଳ ପଞ୍ଚାୟତର ଅଧିକ ଆର୍ଥିକ ଅନୁଦାନ ପ୍ରଦାନ କରାଯିବାର ଲକ୍ଷ୍ୟ ନେଇ ଏହି ନୂତନ ବ୍ଲକ୍ ଗଠନର ପ୍ରସ୍ତାବ ରଖିଛନ୍ତି।

ରବିବାର ପୂର୍ବାହ୍ନ ୧୧ଟାରେ ଏ ସମ୍ପର୍କିତ ବୈଠକ ଅନୁଷ୍ଠିତ ହୋଇଥିଲା। ପୂର୍ବତନ ବ୍ଲକ୍ ଭାଇସ୍ ଚେୟାରମ୍ୟାନ ବିଚିତ୍ର କୁମାର ପରିଡ଼ାଙ୍କ ଆବାହକତ୍ୱରେ ଆୟୋଜିତ ଏହି ବୈଠକରେ ଶିକ୍ଷାବିତ୍ ତଥା ଭୂଦାନ ଯଜ୍ଞ ସମିତି ସଭାପତି ଗୌରାଙ୍ଗ ମହାପାତ୍ର ସଭାପତିତ୍ୱ କରିଥିଲେ। ସରପଞ୍ଚ ଅରୁଣ କୁମାର ମହାନ୍ତି, ସମିତିସଭ୍ୟ ରମେଶ ଚନ୍ଦ୍ର ବଳ, ନରହରି ମହାକୁଡ଼, କୃଷ୍ଣଚନ୍ଦ୍ର ଘଡ଼େଇ, ଶିକ୍ଷାବିତ୍ ଗଦାଧର ଦାସ, ରମେଶ ମିଶ୍ର, ଭାଗବତ ମିଶ୍ର, ଭୀମସେନ ବାରିକ, ଚିନ୍ତାମଣି ଦାସଙ୍କ ସମେତ ବିଭିନ୍ନ ପଞ୍ଚାୟତର ଲୋକପ୍ରତିନିଧି ଉପସ୍ଥିତ ରହି ମତ ରଖିଥିଲେ।

## ୬୨ ୟୁନିଟ ରକ୍ତ ସଂଗ୍ରହ

ଭଦ୍ରକ,୯।୨(ରବିନାରାୟଣ ଖିଲାର)

ମହାବୀର ସେବା ସଙ୍ଗଠନ ପକ୍ଷରୁ ଭଦ୍ରକ କଲେଜ ରୋଡ୍ ଜଗନ୍ନାଥପୁରଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଦିଲୀପ ରାଉତରାଏ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିବା ସହ ଏହିଭଳି ଲୋକଙ୍କ ସେବା କରୁଥିବାରୁ ସଙ୍ଗଠନର ସମସ୍ତ ସଦସ୍ୟଙ୍କୁ ଧନ୍ୟବାଦ ଦେଇଥିଲେ। ଶିବିରରେ ମୋଟ ୬୨ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଅସହାୟ ଲୋକଙ୍କୁ ସାହାଯ୍ୟ ସହଯୋଗ କରିବା ଓ ରକ୍ତଦାନ କରି ଅନ୍ୟର ଜୀବନ ବଞ୍ଚାଇବା ଏ ସଙ୍ଗଠନର ମୂଳ ଲକ୍ଷ୍ୟ ବୋଲି ସଭାପତି ସଞ୍ଜୟ କୁମାର ନାୟକ, ସମ୍ପାଦକ ରସାନନ୍ଦ ସାହୁଙ୍କ ସମେତ କର୍ମକର୍ତ୍ତା କହିଥିଲେ।

# ବାଲେଶ୍ୱର ଆଦର୍ଶ କ୍ଲବ ଚାମ୍ପିୟନ ୟୁନିୟନ ସ୍ପୋର୍ଟିଂ, କାନାରା ବ୍ୟାଙ୍କ ବିଜୟୀ

### ମହାବୀର ୟୁଥ୍ କ୍ଲବ କ୍ରିକେଟ ଟୁର୍ନାମେଣ୍ଟ

ଭଣ୍ଡାରିପୋଖରୀ,୯।୨(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକର ମଞ୍ଜୁରୀରୋଡ୍ ମହାବୀର ୟୁଥ୍ କ୍ଲବ କ୍ରିକେଟ ଟୁର୍ନାମେଣ୍ଟ ରବିବାର ମଧ୍ୟାହ୍ନରେ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବାଲେଶ୍ୱର ଆଦର୍ଶ କ୍ଲବ ଚାମ୍ପିୟନ ହୋଇଛି। ଆଦର୍ଶ କ୍ଲବ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୩୭ ରନ୍ କରିଥିଲା। ଇଞ୍ଜାନପୁର ଦଳ ୧୬.୧ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୦୪ ରନ୍ କରି ହାରିଥିଲା। ସିଦ୍ଧାର୍ଥ ସିହ୍ନା ମ୍ୟାନ୍ ଅଫ୍ ଦି ମ୍ୟାଚ୍, ଦିଲୀପ ଧଳ ମ୍ୟାନ୍ ଅଫ୍ ଦି ଟୁର୍ନାମେଣ୍ଟ ଓ ବେଷ୍ଟ ସିକ୍ସର, ଶେଖ୍ ଆଖ୍ତାର ବେଷ୍ଟ ବୋଲର ଏବଂ ଆକ୍ରମ ଖାଁ ବେଷ୍ଟ ଫିଲ୍ଡର ଭାବେ ବିବେଚିତ ହୋଇଥିଲେ। କାଳନ୍ଦୀ ଚରଣ ପଣ୍ଡା ଓ ଶରତ ଜେନା ଅମ୍ପାୟାର, ବିଜୟ କୁମାର ଶତପଥୀ ମ୍ୟାଚ୍ ରେଫରୀ ଭାବେ ପରିଚାଳନା କରିଥିଲେ। ସନ୍ତୋଷ କୁମାର ଖଣ୍ଡାଇ ଓ ଅଜୟ ବାରିକ ସ୍କୋରର ଥିବାବେଳେ ଶ୍ରୀକାନ୍ତ ଖଣ୍ଡାଇ ଓ ପ୍ରତ୍ୟୁଷ ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ।

କ୍ଲବ ସଭାପତି ଡ. ଶଶଧର ସାହୁ, ଟୁର୍ନାମେଣ୍ଟ ସଭାପତି ଗୋପୀନାଥ ନାୟକ ଓ ସମ୍ପାଦକ ଧନେଶ୍ୱର ସ୍ୱାଇଁଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ସଭାରେ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ମୁଖ୍ୟଅତିଥି ଏବଂ ସାମାଜିକ କର୍ମୀ ଉତ୍କଳ କେଶରୀ ବିଶ୍ୱାଳ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଖଣି ପ୍ରକଳ୍ପ ମୁଖ୍ୟ ଅମିୟ କୁମାର ପହି, ଅବସରପ୍ରାପ୍ତ ଶିକ୍ଷକ ନବଘନ ରାଉତ, ସରପଞ୍ଚ ପ୍ରତିନିଧି ନବଘନ ରାଉତ, ସମିତିସଭ୍ୟ ସନ୍ତୋଷ କୁମାର ନାୟକ, ସମିତି ସମ୍ପାଦକ ରାଜେନ୍ଦ୍ର କୁମାର ଖଣ୍ଡାଇ, ଭଦ୍ରକ ରୟାଲ ଏନ୍‌ଫିଲ୍ଡ ସୋରୁମ' ପ୍ରୋପାଇଟର ଉତ୍କଳ କେଶରୀ ମହାନ୍ତି, ପାଣି ପଞ୍ଚାୟତ ସଭାପତି ଧବଳେଶ୍ୱର ଜେନା, ସାମାଜିକ କର୍ମୀ ଦିବାକର ନାୟକ, କନିଷ୍ଠ ଯନ୍ତ୍ରୀ ଆଶିଷ ପଣ୍ଡା ଓ ସମିତି ସଭାପତି ଦୀପ୍ତିସୂର୍ଯ୍ୟ ବିଶ୍ୱାଳ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଚାମ୍ପିୟନ, ରନର୍ସଅପ୍ ଦଳ ସମେତ କୃତୀ ଖେଳାଳିଙ୍କୁ ଟ୍ରଫି ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ୟୁଥ୍ କ୍ଲବ ସଦସ୍ୟମାନେ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ।



ଚାମ୍ପିୟନ୍ ଟିମ୍‌କୁ ପୁରସ୍କୃତ କରାଯାଉଛି।

### ଟିଲୋ କପ୍

ବନ୍ତ,୯।୨(ହରିନାରାୟଣ ମହାନ୍ତି)

ବନ୍ତ ବ୍ଲକ ଟିଲୋ ଆଥ୍‌ଲେଟିକ ଆସୋସିଏଶନ ପକ୍ଷରୁ ହନୁମାନଜୀଉ ମିନିଷ୍ଟାଡିୟମ୍‌ରେ ଅନ୍ତର୍ଜାତୀୟ ଟିଲୋ କପ୍‌ର ୩ୟ ଦିନରେ ରବିବାର ୨ଟି ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ମ୍ୟାଚ୍‌ରେ ୟୁନିୟନ ସ୍ପୋର୍ଟିଂ କଟକ ଓ ଦ୍ୱିତୀୟ ମ୍ୟାଚ୍‌ରେ କାନାରା ବ୍ୟାଙ୍କ ବେଙ୍ଗାଲୁରୁ ବିଜୟୀ ହୋଇଛି। ୟୁନିୟନ ସ୍ପୋର୍ଟିଂ କଟକ ଓ ଜେପି ସ୍ପୋର୍ଟ୍ସ ଉତ୍ତର ପ୍ରଦେଶ ମଧ୍ୟରେ ପ୍ରଥମ ମ୍ୟାଚ୍ ହୋଇଥିଲା। ଏଥିରେ ଜେପି ସ୍ପୋର୍ଟ୍ସକୁ ୪୨ ରନ୍‌ରେ ହରାଇ ୟୁନିୟନ ସ୍ପୋର୍ଟିଂ ବିଜୟ ହାସଲ କରିଥିଲା। ଟସ୍ ଜିତି ୟୁନିୟନ ସ୍ପୋର୍ଟିଂ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୪୨ ରନ୍ କରିଥିଲା। ଦଳ ପକ୍ଷରୁ ସର୍ବେଶ୍ୱର ମହାନ୍ତି ସର୍ବାଧିକ ୪୧ ରନ୍ କରିଥିଲେ। ପ୍ରତିପକ୍ଷ ବୋଲର ମାଧବ କୁମାର ୩ ଉଇକେଟ୍ ନେଇଥିଲେ। ୧୪୩ ରନ୍‌ର ବିଜୟ ଲକ୍ଷ୍ୟ ନେଇ ଜେପି ସ୍ପୋର୍ଟ୍ସ ୨୦ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୦୦ ରନ୍ କରିଥିଲା। ଦଳ ପକ୍ଷରୁ ଘନଶ୍ୟାମ ଉପାଧ୍ୟାୟ ସର୍ବାଧିକ ୨୨ ରନ୍ କରିଥିଲେ। ପ୍ରତିପକ୍ଷ ବୋଲର ସର୍ବେଶ୍ୱର ୩ ଉଇକେଟ୍ ନେଇଥିଲେ। ୟୁନିୟନ ସ୍ପୋର୍ଟିଂର ସର୍ବେଶ୍ୱର ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

କାନାରା ବ୍ୟାଙ୍କ ବେଙ୍ଗାଲୁରୁ ଓ ଲାଇଟ୍‌ନିଂ ଲିଜେଣ୍ଡସ୍ ଚଣ୍ଡିଗଡ଼ ମଧ୍ୟରେ ଦ୍ୱିତୀୟ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ କାନାରା ବ୍ୟାଙ୍କ ୧୪୧ ରନ୍‌ରେ ବିଜୟୀ ହୋଇଥିଲା। କାନାରା ବ୍ୟାଙ୍କ ଟସ୍ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୩ ଉଇକେଟ୍ ହରାଇ ୨୫୭ ରନ୍ କରିଥିଲା। ଦଳ ପକ୍ଷରୁ ତୁଷାର ସୂର୍ଯ୍ୟବଂଶୀ ୧୧୩ ଓ ନବୀନ ଏମ୍.ଜି ୧୦୪ ରନ୍ କରିଥିଲେ। ପ୍ରତିପକ୍ଷର ବୋଲର ଅଙ୍କିତ୍ ନରୱାଲ ୨ ଉଇକେଟ୍ ନେଇଥିଲେ। ଲାଇଟ୍‌ନିଂ ଲିଜେଣ୍ଡସ୍ ୧୫.୩ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୧୬ ରନ୍ କରିବାକୁ ସକ୍ଷମ ହୋଇଥିଲା। ଦଳ ପକ୍ଷରୁ ଭିନୀତ କୁମାର ୨୪ ରନ୍ କରିଥିଲେ। ପ୍ରତିପକ୍ଷ ବୋଲର ଦୀପରାଜ ଗାଓଁକର ୪ ଓ ତୁଷାର ସୂର୍ଯ୍ୟବଂଶୀ ୨ ଉଇକେଟ୍ ନେଇଥିଲେ। କାନାରା ବ୍ୟାଙ୍କର ତୁଷାର ସୂର୍ଯ୍ୟବଂଶୀଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପ୍ରଦାନ କରାଯାଇଥିଲା। ରେଫରୀ ପୂର୍ଣ୍ଣେନ୍ଦୁ ଜେନା, ଅମ୍ପାୟାର ଭାବେ ଲଲାଟ କେଶରୀ ନନ୍ଦ, ରଞ୍ଜନ ମହାନ୍ତି, ଭାଷ୍ୟକାର ଭାବେ ସଞ୍ଜୟ ମଜୁମଦାର, ସୁକାନ୍ତ ବେହେରା, ଧନେଶ୍ୱର ଧଳ, ପ୍ରକାଶ ସ୍ୱାଇଁ ଓ ସ୍କୋରର ଭାବେ ମଳୟ କୁଅଁର, ଶଙ୍କର୍ଷଣ ଧଳ, ସନ୍ତୋଷ ଧଳ ଓ ପ୍ରେମାନନ୍ଦ ବେହେରା ଦାୟିତ୍ୱ ତୁଲାଇଥିଲେ। ଆସୋସିଏଶନର ସଭାପତି ଇଂ. ଲକ୍ଷ୍ମୀଧର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ସଭାରେ ଗୀତା ଇଞ୍ଜିନିୟରିଂ କଲେଜର ଅଧ୍ୟକ୍ଷ ମନ୍ମଥ କୁମାର ରାଉଳ, ସମିତିସଭ୍ୟ ପରମେଶ୍ୱର ବାରିକ, ଶିକ୍ଷକ ଅଶୋକ ଖିଲାର, ଅଭିଜିତ୍ ସ୍ୱାଇଁ, ସୁବାଷ ସ୍ୱାଇଁ, ପ୍ରକାଶ ସ୍ୱାଇଁ ଓ ମାଧବ ବିଶ୍ୱାଳ ଅତିଥି ଭାବେ ଯୋଗ ଦେଇଥିଲେ।



ଅତିଥିମାନେ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରୁଛନ୍ତି।

## ସଂକ୍ଷେପରେ

### ଡ୍ରେନରେ ପଡ଼ି ଯୁବକଙ୍କ ମୃତ୍ୟୁ

ସୋର,୯।୨(ଜନ୍ମେଜୟ ମିଶ୍ର)

ସୋର ଥାନା ବାରିକପୁର ଗ୍ରାମସ୍ଥିତ ଏକ ଡ୍ରେନରେ ପଡି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ମୟୂରଭଞ୍ଜ ଜିଲା ଯଶୀପୁର ଥାନା ଅଧୀନ ସୁଆଁପାଳ ଗ୍ରାମର ସନାତନ ନାୟକ (୪୮) । ସେ ଦୀର୍ଘ ଦିନ ହେଲା ଅନ୍ୟ ଶ୍ରମିକଙ୍କ ସହିତ ବାରିକପୁର ଗ୍ରାମରେ ଭଡ଼ା ଘରେ ରହି କାମ କରୁଥିଲେ । ରବିବାର ସକାଳ ୭ଟାରେ ସେ ରହୁଥିବା ଘର ନିକଟ ଡ୍ରେନ୍‌ରେ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖି ତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ । ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

### ଯାତ୍ରା କଳାକାର ଆନନ୍ଦ ଦାସଙ୍କ ପରଲୋକ

ଖଇରା,୯।୨(ଉତ୍କଳବନ୍ଧୁ ପଣ୍ଡା)

ବିଶିଷ୍ଟ ଯାତ୍ରାକଳାକାର ତଥା ଖଇରା ବ୍ଲକ ବଣପାରିଆ ଗ୍ରାମର ଆନନ୍ଦ କୁମାର ଦାସ(୬୨)ଙ୍କ ଶୁକ୍ରବାର ରାତିରେ ପରଲୋକ ଘଟିଛି । ଗତ ୩ଦିନ ତଳେ ବ୍ରେନ ଷ୍ଟ୍ରୋକ ଯୋଗୁ ସଂଜ୍ଞାହୀନ ହୋଇ ପଡିଥିଲେ । ଆମ୍ବୁଲାନ୍ସ ଯୋଗେ ଚିକିତ୍ସା ପାଇଁ ଭୁବନେଶ୍ୱରର ଏକ ଘରୋଇ ହସପିଟାଲରେ ଭର୍ତ୍ତି କରାଯାଇଥିଲା । ତାଙ୍କ ମରଶରୀର ଗାଁରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା ।

### ଭଡ଼ାଘରୁ ମୃତଦେହ ଜବତ

**ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକ**

ବାଲେଶ୍ୱର,୯।୨(ବାଞ୍ଛାନିଧି ଦେ)

ବାଲେଶ୍ୱର ସଦର ଥାନା ଅନ୍ତର୍ଗତ କାଦରାବାଦ ନିକଟସ୍ଥ ଏକ ଭଡ଼ାଘରୁ ରବିବାର ପୋଲିସ ମୃତଦେହ ଜବତ କରିଛି । ମୃତକ ହେଲେ ଟାଉନ୍ ଥାନା ସୁନହଟ ଅଞ୍ଚଳର ବିଷ୍ଣୁଧର ମଲ୍ଲିକ (୨୩) । ପରିବାର ଲୋକଙ୍କ ଅଭିଯୋଗ ମୁତାବକ ଥାନାରେ ଏକ ହତ୍ୟା ମାମଲା (ନଂ. ୮୬/୨୫) ରୁଜୁ ହୋଇଛି । ସୂଚନା ଅନୁଯାୟୀ, ବିଷ୍ଣୁଧର ନିଜକୁ କିନ୍ନର ବୋଲି କହିଆସୁଥିଲେ । କିଛିଦିନ ଧରି ଘର ଛାଡ଼ି କାଦରାବାଦଠାରେ ଏକ ଭଡ଼ା ଘରେ ରହୁଥିଲେ । ରବିବାର ଉକ୍ତ ଘରେ ସେ ଫାଶୀ ଲଗାଇ ଝୁଲି ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ । ଖବରପାଇ ସଦର ଥାନା ଏସ୍‌ଆଇ ବିକାଶ କୁମାର ଭୋଇ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା ।

### ସ୍ୱଚ୍ଛତା କାର୍ଯ୍ୟକ୍ରମ

ଖଇରା,୯।୨(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗଣ୍ଡିବେଡ଼ସ୍ଥିତ ଶ୍ୟାମସୁନ୍ଦରପୁର ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଗଣ୍ଡିବେଡ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଏକ ସଫେଇ ଓ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଶନିବାର ପୂର୍ବାହ୍ନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ସ୍ୱଚ୍ଛତା ଉପରେ ସ୍ଲୋଗାନ ଦେଇ ଗ୍ରାମ ପରିକ୍ରମା କରିଥିଲେ । ବିଦ୍ୟାଳୟ ପରିସର ସଫେଇ ପରେ ସ୍ୱଚ୍ଛତା ହିଁ ସେବା ଉପରେ ପିଲାମାନଙ୍କ ମଧ୍ୟରେ ଏକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପ୍ରଧାନଶିକ୍ଷକ ଗୌରାଙ୍ଗ ଚନ୍ଦ୍ର ହୋ ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସାଧିକାରୀ ଡା. ଉମେଶ କୁମାର ଧାମୁଡିଆ ସ୍ୱଚ୍ଛତା ସମ୍ପର୍କରେ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ । ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀ ଡା. ଦେବକାନ୍ତ ପାଢ଼ୀ, ଚିତ୍ତରଞ୍ଜନ ପୃଷ୍ଟି, ଆଶା ଓ ଅଙ୍ଗନୱାଡ଼ି କର୍ମୀ ଏଥିରେ ସହଯୋଗ କରିଥିଲେ ।

# ରାଇବଣିଆ ବ୍ଲକ୍ ଗଠନ ଦାବି ତେଜିଲା

ଜଳେଶର,୯।୨(ନବୀନ ସାହୁ)

ସରକାର ରାଜ୍ୟର କେତେକ ଜିଲାରେ ନୂତନ ବ୍ଲକ୍ ଗଠନ ପାଇଁ ଚିନ୍ତା କରୁଥିବା ବେଳେ ଜଳେଶ୍ୱର ବ୍ଲକ ଅନ୍ତର୍ଗତ ରାଇବଣିଆ ଅଞ୍ଚଳକୁ ଏକ ନୂତନ ବ୍ଲକ ଘୋଷଣା ପାଇଁ ଦାବି ଜୋର ଧରିଛି ।

ଜଳେଶ୍ୱର ବ୍ଲକ ଅଞ୍ଚଳ ପାଖ ଦେଇ ସୁବର୍ଣ୍ଣରେଖା ନଦୀ ପ୍ରବାହିତ ହେଉଥିବାରୁ ଏହି ବ୍ଲକର ୩୫ଟି ପଞ୍ଚାୟତ ମଧ୍ୟରୁ ସୁବର୍ଣ୍ଣରେଖାର ପଶ୍ଚିମରେ ରାଇବଣିଆ ଅଞ୍ଚଳର ୧୪ଟି ପଞ୍ଚାୟତ ରହିଛି । ୨ ଲକ୍ଷରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ଏହି ଅଞ୍ଚଳ ଆଦିବାସୀ ବହୁଳ ଅଞ୍ଚଳ ଭାବରେ ପରିଚିତ । ରାଇବଣିଆ ଅଞ୍ଚଳବାସୀ ବିଭିନ୍ନ ସମୟରେ ଜଳେଶ୍ୱର ବ୍ଲକ୍ କାର୍ଯ୍ୟାଳୟ ସହ ଯୋଗାଯୋଗ କରିପାରୁ ନ ଥିବା ବେଳେ ବନ୍ୟା ଓ ମରୁଡ଼ି କବଳିତ ହେଉଥିବା ଦେଖିବାକୁ ମିଳିଛି । ସେହିପରି ଏଠାକାର ଶିକ୍ଷା, କୃଷି, ଐତିହାସିକ ଦୁର୍ଗର ବିକାଶ ହୋଇପାରୁ ନାହିଁ । ରାଇବଣିଆ ବ୍ଲକ ଗଠନ ପାଇଁ ପୂର୍ବତନ ମନ୍ତ୍ରୀ ତଥା ବର୍ତ୍ତମାନର ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର ବିଧାନସଭାରେ ଦାବି ଉପସ୍ଥାପନ କରିଥିଲେ । ସେହିପରି ପୂର୍ବତନ ବ୍ଲକ ଅଧ୍ୟକ୍ଷ ଚତୁର୍ଭୁଜ ଚକ୍ରବର୍ତ୍ତୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ତପନ କୁମାର ଦାସ, ଶ୍ରୀକାନ୍ତ ଚରଣ ପାତ୍ର, ରାଜନେତା ବିଜେଶ ରଣା, ମନୀନ୍ଦ୍ର ଧଳ, ଦିବ୍ୟାନ୍ଦୁ ଦେ, ଦିଗାମ୍ବର ଦାସ, ଗଙ୍ଗାଧର ଦାସ, ଗାଇବଣିଆ ସରପଞ୍ଚ ସନ୍ଦୀପ ନାରାୟଣ ଘୋଷ,ଶ୍ୟାମନଗର ସରପଞ୍ଚ ଗିରିଜା ସାସମଲ, କେଏମସାହି ପଞ୍ଚାୟତ ନାଏବ ସରପଞ୍ଚ କ୍ଷିତିଶ ଚନ୍ଦ୍ର ଦେ, ଗଙ୍ଗାଧର ଦାସ, ସତ୍ୟ ଶୁଭମ ମିଶ୍ର, ରାସବିହାରୀ ରଣା, ଦିଲ୍ଲୀପ ସାମଲ, ଆଦିବାସୀ ଯୁବନେତା ଗଣେଶ ସୋରେନ, ଉଦୟନାଥ ମୁର୍ମୁ, ଗଙ୍ଗାଧର ଦାସ, କଳମା ସରପଞ୍ଚ ସୁବିନିତା ଦତ୍ତ, କୃଷକ ନେତା ସମୀର ପାତ୍ର ଓ ବିପ୍ଳବ ପ୍ରଧାନ ପ୍ରମୁଖ ରାଇବଣିଆକୁ ବ୍ଲକ୍ ଘୋଷଣା ଦାବି କରିଛନ୍ତି । ଗତ ନିର୍ବାଚନ ସମୟରେ ଲୋକସଂଖ୍ୟା ଅନୁଯାୟୀ ରାଇବଣିଆକୁ ବ୍ଲକ ଘୋଷଣା କରା ନ ଯାଇ ଜଳେଶ୍ୱରରେ ଅବସ୍ଥିତ ଥିବା ୨୭ଟି ଗ୍ରାମ ପଞ୍ଚାୟତରୁ ୩୫ ଗ୍ରାମ ପଞ୍ଚାୟତକୁ ବୃଦ୍ଧି କରାଯାଇଥିଲା । ସେତେବେଳେ ରାଇବଣିଆକୁ ନୂତନ ବ୍ଲକ ଘୋଷଣା କରିବା ନେଇ ଦାବି ଜୋର ଧରିଥିଲା ବେଳେ ନୂତନ ପଞ୍ଚାୟତ ଗଠନରେ ଲୋକଙ୍କୁ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା । ରାଇବଣିଆ ଅଞ୍ଚଳରେ ହାତୀଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ରାଇବଣିଆ ଥାନା ଅଧୀନ କୁଶୁଗଡ଼ ପୋଲିସ ଆଉଟପୋଷ୍ଟ, ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ, ଉଠା ଜଳସେଚନ ବିଭାଗ କାର୍ଯ୍ୟାଳୟ, ବନ ବିଭାଗ କାର୍ଯ୍ୟାଳୟ, କୃଷି କାର୍ଯ୍ୟାଳୟ, ଆଦର୍ଶ ବିଦ୍ୟାଳୟ, ମାକିଡ଼ିଆ ଟସର ଶିଳ୍ପ, ୨ଟି ମହାବିଦ୍ୟାଳୟ ଥିବା ବେଳେ ଏବେ ଓଲମରା ସୀମାନ୍ତ ମହାବିଦ୍ୟାଳୟରେ ନୂଆ କରି ସ୍ନାତକ ଶ୍ରେଣୀ ଖୋଲିବା ପାଇଁ ଯାଉଛି । ତେଣୁ ଅନୁନ୍ନତ ଏହି ଅଞ୍ଚଳର ବିକାଶ ପାଇଁ ରାଇବଣିଆକୁ ବ୍ଲକ ଘୋଷଣା କରିବାର ଯଥେଷ୍ଟ ଆବଶ୍ୟକତା ରହିଛି ବୋଲି ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ, ବୁଦ୍ଧିଜୀବୀ, ଜନସାଧାରଣ ଦାବି କରିଛନ୍ତି ।

# ଅଂଶଗ୍ରହଣ କଲେ ୭୦ ନୃତ୍ୟ ପ୍ରତିଯୋଗୀ



ମୁଖ୍ୟଅତିଥି ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି ।

### ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ଉତ୍ସବ

ବାଲେଶ୍ୱର,୯।୨(ବାଞ୍ଛାନିଧି ଦେ)

ବାଲେଶ୍ୱର ସହର ମାନସିଂ ବଜାରସ୍ଥିତ ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି ଅବସରରେ ବରିଷ୍ଠ ଓ କନିଷ୍ଠ ବର୍ଗର ଛାତ୍ରୀଛାତ୍ରଙ୍କ ମଧ୍ୟରେ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ମୋଟ୍ ୭୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ବିଚାରକ ଭାବେ ସୁବର୍ଣରେଖା ମହାପାତ୍ର, ବାବୁ ଶ୍ରୀନିବାସନ, ଜଗମୟ ରାଜାକ ଯୋଗଦେଇ ପ୍ରତିଭାର ମୂଲ୍ୟାୟନ କରିଥିଲେ ।

ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ମାବେ ଯୁବ ସାମାଜିକ କର୍ମୀ ରିତିକ ଜି ଯୋଗଦେଇ ପିଲାଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାର ବିକାଶ ପାଇଁ ପ୍ରତିଯୋଗିତା ଏକ ଉତ୍କୃଷ୍ଟ ମଞ୍ଚ ବୋଲି କହିଥିଲେ । ସମ୍ମାନିତ ଅତିଥି ୧୩ ନମ୍ବର ୱାର୍ଡ଼ କାଉନସିଲର ପ୍ରତିମା ବେହେରା, କୋଷାଧ୍ୟକ୍ଷ ଶ୍ରୀଧର ରଣା ମଞ୍ଚାସୀନ ଥିଲେ । କୃତି ପ୍ରତିଯୋଗୀଙ୍କୁ ଅତିଥିମାନେ ମାନପତ୍ର ଓ ପୁରସ୍କାର ବିତରଣ କରିଥିଲେ । କମିଟିର ସଭାପତି କୃଷ୍ଣକର ନାୟକ, ସମ୍ପାଦକ ନିର୍ମଳ ଦାସଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା । କର୍ମକର୍ତ୍ତା ବଂଶୀଧର ଦଳେଇ ଧନ୍ୟବାଦ ଦେଇଥିଲେ ।

# 'ଜିଲାରେ ବିକାଶର ଧାରା ବଜାୟ ରହିବ'




ସମ୍ବର୍ଦ୍ଧନା ସଭାରେ ମଞ୍ଚାସୀନ ନେତୃବୃନ୍ଦ ।

### ନୂତନ ଭାଜପା ଜିଲା ସଭାପତିଙ୍କୁ ସମ୍ବର୍ଦ୍ଧନା

ବାଲେଶ୍ୱର,୯।୨(ବାଞ୍ଛାନିଧି ଦେ)

ଭାଜପା ପକ୍ଷରୁ ନବ ନିଯୁକ୍ତ ବାଲେଶ୍ୱର ସାଂଗଠନିକ ଜିଲା ସଭାପତି ଈଶ୍ୱର ଚନ୍ଦ୍ର ବେହେରାଙ୍କୁ ଶନିବାର ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ପୂର୍ବତନ ଜିଲା ସଭାପତି ଉମାକାନ୍ତ ମହାପାତ୍ରଙ୍କ ନେତୃତ୍ୱରେ ସ୍ଥାନୀୟ ମିଶନ୍ ପଡ଼ିଆରୁ ଏକ ବିଶାଳ ବାଇକ୍ ଶୋଭାଯାତ୍ରାରେ ଜିଲା ସଭାପତି ବେହେରାଙ୍କୁ ସହର ପରିକ୍ରମା କରି ଖାନନଗରସ୍ଥିତ ଜିଲା ମୁଖ୍ୟ କାର୍ଯ୍ୟାଳୟକୁ ନିଆଯାଇଥିଲା ।

ସମ୍ବର୍ଦ୍ଧନା ସଭାରେ ପୂର୍ବତନ ଜିଲା ସଭାପତି ମହାପାତ୍ର ସଭାପତିତ୍ୱ କରିଥିଲେ । ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସରକାରୀ ଦଳ ଉପ–ମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ବାଲେଶ୍ୱର ବିଧାୟକ ମାନସ କୁମାର ଦତ୍ତ, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା, ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାସ, ପୂର୍ବତନ ଜିଲା ସଭାପତି ଲମ୍ବୋଦର ନାୟକ, ରାଜ୍ୟ ସମ୍ପାଦିକା ସିପ୍ରା ବାଜପେୟୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶୋଭନା ମହାନ୍ତି, ବାଲେଶ୍ୱର ଜିଲା ନିର୍ବାଚନ ଅଧିକାରୀ ତଥା ମୟୂରଭଞ୍ଜ ଜିଲାର ନବ ନିଯୁକ୍ତ ଜିଲା ସଭାପତି ନିହାର ମୋଦି ଓ ସହ–ଅଧିକାରୀ ଶୁଭଙ୍କର ମହାପାତ୍ର, ରାଜ୍ୟ ପ୍ରବକ୍ତା ଠାକୁର ରଣଜିତ ଦାସ ପ୍ରମୁଖ ମଞ୍ଚାସୀନ ହୋଇ ନୂତନ ସଭାପତିଙ୍କୁ ସମ୍ବର୍ଦ୍ଧିତ କରିବା ସହ ତାଙ୍କର ସାଂଗଠନିକ ଅଭିଜ୍ଞତା ସମ୍ପର୍କରେ ଆଲୋକପାତ କରିଥିଲେ । ନୂତନ ସଭାପତି ବେହେରା ଜିଲାରେ ବିକାଶର ଧାରା ବଜାୟ ରହିବା ସହ ସାଂଗଠନିକ ଅଭିବୃଦ୍ଧି ଦିଗରେ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା ମଞ୍ଚ ଆହ୍ୱାନ, ଅନ୍ୟତମ ନିର୍ବାଚନ ସହ–ଅଧିକାରୀ ଆଶିଷ ଘୋଷ ଧନ୍ୟବାଦ ଦେଇଥିଲେ ।

### ହୋଟେଲରୁ ମିଳିଲା ଦିଲ୍ଲୀ ଯୁବକଙ୍କ ମୃତଦେହ

ବାଲେଶ୍ୱର,୯।୨(ବାଞ୍ଛାନିଧି ଦେ)

ବାଲେଶ୍ୱର ସହଦେବଖୁଣ୍ଟା ଥାନା ଅଞ୍ଚଳର ଏକ ହୋଟେଲ ରୁମ୍‌ରୁ ଶନିବାର ରାତିରେ ଜଣେ ଦିଲ୍ଲୀ ଯୁବକଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି । ମୃତ ଯୁବକ ହେଲେ ଦିଲ୍ଲୀ କରୁଆଲନଗର ଥାନା ସାହାଦତପୁର ଅଞ୍ଚଳର ରାହୁଲ ଚୌଧୁରୀ (୨୭) । ସେ ଗତ ଜାନୁଆରୀ ୨୯ ତାରିଖରୁ ଏହି ହୋଟେଲରେ ରହୁଥିଲେ । ସକାଳେ ଓ ଦ୍ୱିପ୍ରହର ସମୟରେ ଖାଇବା ଅର୍ଡର ନ ହେବାରୁ ହୋଟେଲ କର୍ମଚାରୀ ତାଙ୍କ ରୁମ କବାଟରେ ଠକ୍‌ଠକ୍ କରିଥିଲେ । ଭିତରୁ କୌଣସି ଶବ୍ଦ ନ ଆସିବାରୁ ସନ୍ଦେହ ଉପୁଜିଥିଲା । ଜଣେ କର୍ମଚାରୀ ଝରକା ପାର୍ଶ୍ୱକୁ ଯାଇ ଯୁବକ ଜଣକ ଫ୍ୟାନରେ ଫାଶୀ ଦେଇଥିବା ଦେଖିବାକୁ ପାଇଥିଲେ । ସେ ରହିଥିବା ରୁମରେ ଶନିବାର ଦିନତମାମ୍ କବାଟ ଭିତରପଟୁ ବନ୍ଦ ଥିଲା । ଏ ନେଇ ହୋଟେଲ କର୍ମଚାରୀ ରାତିରେ ପୋଲିସକୁ ଖବର ଦେଇଥିଲେ । ଘଟଣାସ୍ଥଳରେ ସାଇଣ୍ଟିଫିକ ଟିମ୍, ମାଜିଷ୍ଟ୍ରେଟ ଓ ପୋଲିସ ପହଞ୍ଚି ରୁମ୍ ଭିତରପଟ କୁଣ୍ଡି ଭାଙ୍ଗି ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ କରିଥିଲେ । ଏ ସମ୍ପର୍କରେ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୬/୨୫) ରୁଜୁ ହୋଇ ତଦନ୍ତ ଜାରି ରହିଥିବା ଆଇଆଇସି ଜୟନ୍ତ ବେହେରା କହିଛନ୍ତି । ତେବେ ବାଲେଶ୍ୱର ସହରର ଜଣେ ଯୁବତୀଙ୍କୁ ଦେଖା କରିବାକୁ ଆସି ରାହୁଲ ନିୟମିତ ବ୍ୟବଧାନରେ ସହରର ବିଭିନ୍ନ ହୋଟେଲରେ ରହିଆନ୍ତି ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି । ସୋମବାର ଦିଲ୍ଲୀରୁ ତାଙ୍କ ପରିବାର ଲୋକେ ଆସିବା ପରେ ମୃତଦେହ ହସ୍ତାନ୍ତର କରାଯିବ ବୋଲି ପୋଲିସ କହିଛି ।

# ଠାକୁର ଅନୁକୂଳଚନ୍ଦ୍ରଙ୍କ ଜନ୍ମ ଉତ୍ସବ

ନୀଳଗିରି,୯।୨(ପ୍ରଶାନ୍ତ ବିଶ୍ୱାଳ)

ନୀଳଗିରି ବାଲିଗୋହିରିସ୍ଥିତ ସତ୍‌ସଙ୍ଗ ବିହାରଠାରେ ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୭ ତମ ସବ୍‌ଡିଭିଜନସ୍ତରୀୟ ଜନ୍ମ ମହା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ରବିବାର ପୂର୍ବାହ୍ନ ୧୦ଟାରେ ଅନୁଷ୍ଠିତ ସତ୍‌ସଙ୍ଗ ସାଧାରଣ ସଭାରେ ବାଲେଶ୍ୱରରୁ ଆଗତ ଡ. ଅଜିତ କୁମାର ଦାସ ସଭାକାର୍ଯ୍ୟ ପରିଚାଳନା କରିଥିଲା ବେଳେ ପ୍ରଦ୍ୟୁମ୍ନ କୁମାର ଶତପଥୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ମୁଖ୍ୟଅତିଥି ଭାବେ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ଉପସ୍ଥିତ ରହି ନିଜ ନିଜର ଠାକୁରଙ୍କ ସମ୍ପର୍କରେ ଆଲୋକପାତ କରିଥିଲେ । ମୁଖ୍ୟବକ୍ତା ଭାବେ ପୁଷ୍ପଗିରି ସତ୍‌ସଙ୍ଗ ବିହାର ପରିଚାଳକ ପ୍ରମୋଦ କୁମାର ଶତପଥୀ ଶ୍ରୀ ଶ୍ରୀ ଠାକୁରଙ୍କର ଦିବ୍ୟ ଜୀବନ ଓ ଦିକ୍ଷାପତ୍ର କାର୍ଯ୍ୟକ୍ରମ ସମ୍ପର୍କରେ ବିଶେଷ ଭାବେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଭାବେ ରତିକ ଭାସ୍କର ଚନ୍ଦ୍ର ବାରିକ, ରୋହିଣୀ ନନ୍ଦନ ପଟ୍ଟନାୟକ ଯୋଗ ଦେଇଥିଲେ । ଭୁବନେଶ୍ୱରରୁ ଆଗତ ଭବାନୀ ଶଙ୍କର ଶତପଥୀ ସଂଗୀତ ପରିବେଷଣ କରିଥିଲେ । ଏଥିରେ ସତ୍‌ସଙ୍ଗ ବିହାର ପରିଚାଳକ ଗଙ୍ଗାନାରାୟଣ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବାଲେଶ୍ୱର ଜିଲାରେ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ଦାବି

### ସୋରରେ ଜୋନସ୍ତରୀୟ ବୈଠକ

ସୋର,୯।୨(ଜନ୍ମେଜୟ ମିଶ୍ର)

ସୋର, ଖଇରା, ସିମୁଳିଆ ଓ ଔପଦା ବ୍ଲକକୁ ନେଇ ଗଠିତ ସୋର ଜୋନାଲ କମିଟି ବୈଠକ କମରପୁରସ୍ଥିତ ସଂଗ୍ରାମୀ ଭବନରେ ଅନୁଷ୍ଠିତ ହୋଇଯାଇଛି । କମିଟିର ସଭାପତି ଶିକ୍ଷାବିତ ମହେଶ୍ୱର ପାଣ୍ଡ ବୈଠକରେ ସଭାପତିତ୍ୱ କରିଥିଲେ । କୃଷି ମହାବିଦ୍ୟାଳୟ ଓ କୃଷି ଗବେଷଣା କ୍ଷେତ୍ର ପ୍ରତିଷ୍ଠା କ୍ରିୟାନୁଷ୍ଠାନ ସମିତି ବାଲେଶ୍ୱର ଜିଲା କମିଟିର ସଭାପତି ଡ. କେଶବ ଚନ୍ଦ୍ର ପଣ୍ଡା ଯୋଗଦେଇ ଜିଲାରେ କୃଷି ମହାବିଦ୍ୟାଳୟର ଆବଶ୍ୟକତା ସମ୍ପର୍କରେ ପ୍ରକାଶ କରିଥିଲେ । ୧୯୬୨ରେ ଓଡ଼ିଶାର ଭୁବନେଶ୍ୱରରେ ଗୋଟିଏ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା । ପରେ ଚିପିଲିମା ଓ ଭବାନୀପାଟଣାଠାରେ ପ୍ରତିଷ୍ଠା ହୋଇଛି । ବିଭିନ୍ନ ଲାଭଦାୟକ କୃଷି, ଜଳବାୟୁ ,ଉତ୍ପାଦନ ତଥା ମହଜୁଦ ଉପରେ ନୂତନ ଜ୍ଞାନ କୌଶଳ ଅଭାବରୁ କୃଷିଉପରେ ନିର୍ଭରଶୀଳ କୃଷକ ଓ ଶିକ୍ଷିତ ଯୁବକ ଆତ୍ମନିର୍ଭରଶୀଳ ହୋଇପାରୁ ନାହାନ୍ତି । କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ହେଲେ ଅନ୍ୟ ରାଜ୍ୟ ଭଳି କୃଷି ଓ କୃଷକଙ୍କର ଉନ୍ନତି ଘଟିବ । ଜିଲାରେ କୃଷି ସମ୍ବନ୍ଧୀୟ ଗୋଟିଏ ବୋଲି ପ୍ରତିଷ୍ଠାନ ହୋଇନାହିଁ । ବାଲେଶ୍ୱର ଏକ କୃଷି ପ୍ରଧାନ ଜିଲା ଭାବେ ପ୍ରତିଷ୍ଠିତ । ଯାହାର ଲୋକସଂଖ୍ୟା ୨୫ ଲକ୍ଷରୁ ଅଧିକ । ଜିଲାରେ ୮୨ ଭାଗ କୃଷକ ଓ କୃଷିଶ୍ରମିକ କୃଷି ଉପରେ ନିର୍ଭରଶୀଳ, ଉନ୍ନତ କୃଷି, ମତ୍ସ୍ୟ, ଉଦ୍ୟାନ, ପଶୁପାଳନରୁ ଆତ୍ମନିର୍ଭରଶିଳ ପାଇଁ ଶିକ୍ଷିତ ବେକାର ଯୁବ ଗୋଷ୍ଠୀ ସଂଘର୍ଷରତ । ତେଣୁ ଉତ୍ତର ଓଡ଼ିଶାର ଭାତହାଣ୍ଡି ଭାବେ ପରିଚିତ ବାଲେଶ୍ୱର ଜିଲାରେ ଏକ କୃଷି ବୈଷୟିକ ଗବେଷଣା ମହାବିଦ୍ୟାଳୟ ରାଜ୍ୟ ସରକାର ପ୍ରତିଷ୍ଠା କରି ରାଜ୍ୟର କୃଷି ଅର୍ଥନୀତିକୁ ସମୃଦ୍ଧ କରିବା ସଙ୍ଗେ ସଙ୍ଗେ ବେକାରୀ ସମସ୍ୟାକୁ ମଧ୍ୟ ସମାଧାନ କରିପାରିବେ ବୋଲି ମତ ପ୍ରକାଶ କରିଥିଲେ ।

ଜୋନାଲ କମିଟିର ସମ୍ପାଦକ ପ୍ରଫୁଲ୍ଲ କୁମାର ଷଡ଼ଙ୍ଗୀ ପ୍ରାରମ୍ଭିକ ସୂଚନା ପ୍ରଦାନ ସହ ବୈଠକରେ ଉପସ୍ଥିତି ଔପଦା,ଖଇରା ଓ ସିମୁଳିଆ ବ୍ଲକର ପ୍ରତିନିଧିମାନଙ୍କୁ ସ୍ୱାଗତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ନାଗରିକ ମଞ୍ଚର ସଭାପତି ନେତ୍ରାନନ୍ଦ ରାଉତ, ମାୟାଧର ନାୟକ, ବାଲେଶ୍ୱରରୁ ଅଭୟ ଚନ୍ଦ୍ର ମିଶ୍ର, ଅନାମ ପ୍ରସାଦ ବାରିକ, ସିମୁଳିଆ ବ୍ଲକରୁ ଗଣନାଥ ସାହୁ, ଔପଦାରୁ ଲୋଚନ ବେହେରା ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ରବିନାରାୟଣ ନନ୍ଦ, ରତିକାନ୍ତ ପାଣିଗ୍ରାହୀ, ଭାସ୍କର ଚନ୍ଦ୍ର ମହାପାତ୍ର, ଶ୍ରୀରାମ ଚନ୍ଦ୍ର ବାରିକ, ନରେନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରଶାନ୍ତ ଦାସ ଧନ୍ୟବାଦ ଦେଇଥିଲେ ।

### ବିଜେଡି ନେତା ମଦନ ନନ୍ଦଙ୍କ ପରଲୋକ

କାଳିପଦା,୯।୨(ରାଜଶ୍ରୀ ପାଣିଗ୍ରାହୀ)

ବିଜେଡିର ବରିଷ୍ଠ ନେତା ପୁଟୁରା ପଞ୍ଚାୟତ ବାହାଦୁଲପୁର ଗ୍ରାମର ମଦନମୋହନ ନନ୍ଦ(୬୭)ଙ୍କ ରବିବାର ସକାଳେ ପରଲୋକ ଘଟିଛି । ତାଙ୍କ ବିୟୋଗରେ ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି, ପୂର୍ବତନ ଏମ୍‌ପି ଇଂ. ରବିନ୍ଦ୍ର କୁମାର ଜେନା, ବସ୍ତା ବିଧାୟିକା ସୁବାସିନୀ ଜେନା, ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି । ପୁଟୁରା ସରପଞ୍ଚ ରାଧାକୃଷ୍ଣ ବେହେରା, ବରିଷ୍ଠ ନେତା ମହେଶ୍ୱର ଜେନା, ଭଜହରି ପରିଡ଼ା ପ୍ରମୁଖ ବାହାଦୁଲପୁର ଗ୍ରାମର ବାସଭବନକୁ ଯାଇ ଶେଷ ଦର୍ଶନ କରିବା ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ବଡ଼ପୁଅ ଅଭୟ ନନ୍ଦ ମୁଖାଗ୍ନି ଦେଇଥିଲେ ।

# ବିଜେଡି ଛାଡ଼ି ଭାଜପାରେ ମିଶିଲେ ପୂର୍ବତନ ସରପଞ୍ଚ



ଭାଜପାରେ ଯୋଗ ଦେଇଥିବା ବିଜେଡି ନେତା ଓ କର୍ମୀ ।

ଖଇରା,୯।୨(ଉତ୍କଳବନ୍ଧୁ ପଣ୍ଡା)

ଶ୍ୟାମସୁନ୍ଦର ପଞ୍ଚାୟତର ପ୍ରାକ୍ତନ ସରପଞ୍ଚ ତଥା ୫ନଂ. ଜୋନର ପୂର୍ବତନ ଜିଲା ପରିଷଦ ସଭ୍ୟ ସୁଶାନ୍ତ ମହାକୁଡ ନିଜର ଶତାଧିକ ସମର୍ଥକଙ୍କ ସହ ବିଜେଡି ଛାଡି ଭାଜପାରେ ଯୋଗ ଦେଇଛନ୍ତି । ଏହି ପରିପ୍ରେକ୍ଷୀରେ ରବିବାର ପୂର୍ବାହ୍ନରେ ଗଣ୍ଡିବେଡ଼ ପଞ୍ଚାୟତ ପଡ଼ିଆରେ ଆୟୋଜିତ ମିଶ୍ରଣ ପର୍ବରେ ବାବାଜୀ ଚରଣ ମହାନ୍ତି ପୌରହିତ୍ୟ କରିଥିଲେ । ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ବିଜେଡି କର୍ମୀଙ୍କୁ ଉତ୍ତରୀୟ ଓ ଟୋପି ପିନ୍ଧାଇବା ଅବସରରେ ଡବଲ ଇଞ୍ଜିନ ସରକାର ପ୍ରତିଶ୍ରୁତି ଅନୁଯାୟୀ ଓଡ଼ିଶାର ବିକାଶ ପାଇଁ କାର୍ଯ୍ୟକରୁଥିବା କହିଥିଲେ । ମହାକୁଡଙ୍କ ସହ ତାଙ୍କର ସମର୍ଥକ ଭାବେ ସୁଲୋଚନା ନାୟକ, ବଂଶୀଧର ବାରିକ, ବୁଦ୍ଧିରାମ ନାୟକ, ସରସ୍ୱତୀ ଦତ୍ତ, ଚନ୍ଦ୍ରଶେଖର ନାୟକ, କେଶବ ଦଳେଇ, କାଶୀନାଥ ନାୟକ, ଶୁକଦେବ ବାରିକ, ଦାମୋଦର ନାୟକ, ମଧୁସୂଦନ ମହାନ୍ତି, ମୁରଲୀଧର ବେହେରା ପ୍ରମୁଖ ଭାଜପାର ସଦସ୍ୟତା ଗ୍ରହଣ କରିଥିଲେ । ଭାଜପା ନେତା ବିମ୍ବାଧର ଦଳେଇ,ଅହଲ୍ୟା ପାତ୍ର,ରଘୁନାଥ ଜେନା, ନୃସିଂହ ସିଂ, ଦାମୋଦର ଦାସ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ ।

# 'ନାରୀ ଜାଗିଲେ ଦେଶ ଜାଗିବ'




ବାର୍ଷିକୋତ୍ସବରେ ଯୋଗ ଦେଇଥିବା ଅତିଥିମାନେ ।

### ଭୋଗରାଇ ମହିଳା ମହାବିଦ୍ୟାଳୟର ବାର୍ଷିକୋତ୍ସବ

ଭୋଗରାଇ,୯।୨(ପ୍ରଦୀପ ଦାସ)

ନାରୀ କୌଣସି ଗୁଣରେ କମ୍ ନୁହନ୍ତି । ସମାଜରେ ନାରୀ ପୁରୁଷ ଗୋଟିଏ ମୁଦ୍ରାର ୨ଟି ପାର୍ଶ୍ୱ ହୋଇଥିବା ବେଳେ ପୁରୁଷ ପ୍ରଧାନ ଦେଶରେ ନାରୀଙ୍କ ସମାନ ଅଧିକାର ରହିଛି । ନାରୀ ଶିକ୍ଷିତା ହେଲେ ପରିବାର ଶିକ୍ଷିତ ହୁଏ ଏବଂ ନାରୀ ଜାଗିଲେ ଦେଶ ଜାଗିବ ବୋଲି ରବିବାର ପୂର୍ବାହ୍ନ ସାଢ଼େ ୧୧ଟାରେ ଅନୁଷ୍ଠିତ ବାଲେଶ୍ୱର ଜିଲା ଭୋଗରାଇ ମହିଳା ମହାବିଦ୍ୟାଳୟର ୧୪ତମ ବାର୍ଷିକ ସମାରୋହରେ ବିଶିଷ୍ଟ ଅତିଥିମାନେ ମତ ପ୍ରକାଶ କରିଛନ୍ତି । ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ତଥା ଶିକ୍ଷାବିତ ପଂକଜାକ୍ଷ ପଣ୍ଡାଙ୍କ ସଭାରେ ପୌରହିତ୍ୟ କରିଥିଲେ । ମଙ୍ଗଳାଚରଣ କରିଥିଲେ ଅଧ୍ୟାପିକା ସୁନନ୍ଦିତା ବଣିଆ । ବାର୍ଷିକ ବିବରଣୀ ପାଠ କରିଥିଲେ ମହାବିଦ୍ୟାଳୟର ଅଧକ୍ଷ ଅବିନାଶ ସାହୁ । ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ମତପ୍ରକାଶ କରିଥିଲେ ଅଧ୍ୟାପକ ବିମଳ ଚନ୍ଦ୍ର ନନ୍ଦୀ । ମୁଖ୍ୟ ଅତିଥି ଭାବେ ବିଧାୟକ ଗୌତମ ବୁଦ୍ଧ ଦାସ, ମୁଖ୍ୟ ବକ୍ତା ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବୀର କୁମାର ଗିରି, ସମ୍ମାନିତ ଅତିଥି ଭାବେ ଜିଲାପରିଷଦ ସଦସ୍ୟା ଦମୟନ୍ତୀ ସାହୁ, ସରପଞ୍ଚ ସୁଷମା କର ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ମହାବିଦ୍ୟାଳୟର ଛାତ୍ରୀ ସର୍ବଗୁଣା ସମ୍ପନ୍ନା ସ୍ମୃତି ପ୍ରଭା ଗୋସ୍ୱାମୀ, ଆଥଲେଟିକ ଚାମ୍ପିୟନ ଅର୍ଚ୍ଚିତା ସେଠି, କୃତି ଓ ମେଧାବୀ ଛାତ୍ରୀ ପ୍ରିୟାଙ୍କା ସାହୁ, ଇପ୍ସିତା ପରିଡା, ଲିଜା ମଣ୍ଡଳ, କସ୍ମିତା ପରିଡ଼ାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅଧ୍ୟାପକ ଗୌରାଙ୍ଗ ପିଳା ଧନ୍ୟବାଦ ଦେଇଥିଲେ । ମହା ବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ,ଅଣ ଶିକ୍ଷା କର୍ମଚାରୀ ଓ ପରିଚାଳନା କମିଟିର ସଦସ୍ୟା ଓ ସଦସ୍ୟମାନେ ପରିଚାଳନା କରିଥିଲେ । ପରେ ଛାତ୍ରୀମାନଙ୍କ ଦ୍ୱାରା ଆକର୍ଷଣୀୟ ନୃତ୍ୟ, ସଙ୍ଗୀତ ଦର୍ଶକଙ୍କୁ ମନମୁଗ୍ଧ କରିଥିଲା ।

# 'ସମାଜ ପରିବର୍ତ୍ତନ ପାଇଁ ମଞ୍ଚ ନାଟକ ଆବଶ୍ୟକ'

### 'ବାପା ଓ ଅନ୍ୟାନ୍ୟ ନାଟକ' ଲୋକାର୍ପିତ




ଅତିଥିମାନେ ପୁସ୍ତକ ଲୋକାର୍ପଣ କରୁଛନ୍ତି ।

ବାଲେଶ୍ୱର,୯।୨(ବାଞ୍ଛାନିଧି ଦେ)

ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ରୂପସାସ୍ଥିତ ନୀଳମଣି ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ତପନ କୁମାର ବେହେରାଙ୍କ ରଚିତ ପୁସ୍ତକ 'ବାପା ଓ ଅନ୍ୟାନ୍ୟ ନାଟକ' ଶୁକ୍ରବାର ଲୋକାର୍ପିତ ହୋଇଯାଇଛି । ପ୍ରାଧ୍ୟାପିକା କଳ୍ପନା ମଞ୍ଜରୀ ପାତ୍ର ଏହି ଲୋକାର୍ପଣ ଉତ୍ସବରେ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବେ ସାହିତ୍ୟିକ ସୃଷ୍ଟିଧର ପରିଡ଼ା ଯୋଗଦେଇ ନାଟକ ସମାଜ ପରିବର୍ତ୍ତନ କ୍ଷେତ୍ରରେ ସଚେତନ ବାର୍ତ୍ତା ବହନ କରିଥାଏ ବୋଲି କହିଥିଲେ । ମୁଖ୍ୟବକ୍ତା ଭାବେ ବିଶିଷ୍ଟ ମଞ୍ଚ ଅଭିନେତା ଦେବଦୁଲାଲ ମହାପାତ୍ର ଯୋଗ ଦେଇଥିଲେ । 'ସୁବର୍ଣ୍ଣ ଶ୍ରୀ' ପ୍ରକାଶନ ମୁଖ୍ୟ କାଳିପଦ ପଣ୍ଡା ଯୁଗେ ଯୁଗେ ମଞ୍ଚ ନାଟକ ସମାଜ ପାଇଁ ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ଭାବେ ବ୍ୟଙ୍ଗ କବି ବିଜୟଶ୍ରୀ ଗୋକୁଳା ନନ୍ଦ ରାଉତ, ଅଧ୍ୟାପକ ଡ. ଶାନ୍ତନୁ ଜେନା, ଅଧ୍ୟାପକ ଲାଖିରାମ ହାଁସଦା, ଅଧ୍ୟାପିକା ରଶ୍ମିତା ମହାପାତ୍ର ମଞ୍ଚାସୀନ ଥିଲେ । ଏହି ଅବସରରେ 'ବାପା' ନାଟକର ନିର୍ଦ୍ଦେଶକ ସୁଦାମ ବୁଗୁଡ଼ାଇ ଓ ସଂଗୀତ ନିର୍ଦ୍ଦେଶକ ମୁରଲୀଧର ଦଳେଇଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ନାଟ୍ୟକାର ଡ. ବେହେରାଙ୍କ ରଚିତ ଅନ୍ୟ ନାଟକ 'ରେବତୀ', 'ଅବୁଝା ରାଜାକୁ'ର ସମସ୍ତ କଳାକାରଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥଲା । ଅଧ୍ୟାପକ ଗୌରାଙ୍ଗ ପଣ୍ଡା ମଞ୍ଚ ଆହ୍ୱାନ, ଅଧ୍ୟାପକ ଚନ୍ଦନ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅଧ୍ୟାପିକା ପିନାକ୍ଷୀ ପଣ୍ଡା, ଅଧ୍ୟାପିକା ରୋଜାଲିନ ସ୍ୱାଇଁ ମାନପତ୍ର ପାଠ କରିଥିଲେ । ଅଧ୍ୟାପକ ଡ. ତପନ ଦାସ ସ୍ୱାଗତ ଭାଷଣ ଦେଇଥିଲେ । ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପକ ସରୋଜ କୁମାର ପାଣି ପ୍ରାରମ୍ଭିକ ସୂଚନା ଦେଇଥିଲେ । ଅଧ୍ୟାପକ ଶ୍ରୀଧର ବେହେରା, ଅଧ୍ୟାପକ ହରେନ୍ଦ୍ର ଗାଁଣ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶେଷରେ ଅଧ୍ୟାପିକା ଡ. ଅରୁଣୀ ମିଶ୍ର ଧନ୍ୟବାଦ ଦେଇଥିଲେ ।

# ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାନୁଷ୍ଠାନର ବାର୍ଷିକ ଉତ୍ସବ

ବଡ଼ବିଲ,୯।୨(ଦେବପ୍ରିୟ ରଣା)

କେନ୍ଦୁଝର ଜିଲା ବଡ଼ବିଲସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାନୁଷ୍ଠାନର ୩୦ତମ ବାର୍ଷିକୋତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ରବିବାର ସକାଳ ୭ ଟାରେ ଆଧ୍ୟାତ୍ମିକ ପତାକା ଉତ୍ତୋଳନ ପରେ ବନ୍ଦେ ମାତରଂ ଗାନ ହୋଇଥିଲା। ସନ୍ଧ୍ୟାରେ ବାର୍ଷିକୋତ୍ସବର ଉଦ୍‌ଘାଟନ ଓ ଶିଶୁ ଯଥାର୍ଥ ବ୍ୟକ୍ତିତ୍ୱ ଗଠନରେ ଶ୍ରୀ ଅରବିନ୍ଦଙ୍କ ପୂର୍ଣ୍ଣାଙ୍ଗ ଶିକ୍ଷାର ଭୂମିକା ଉପରେ ଆଲୋଚନା ଚକ୍ର ଏବଂ ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ରହିଥିବା ଜଣାପଡ଼ିଛି।

# ‘ସ୍ୱାସ୍ଥ୍ୟସେବାରେ ୫୦ ହଜାର କୋଟି ପୁଞ୍ଜି ବିନିଯୋଗ ହେବ’

କେନ୍ଦୁଝର,୯।୨
(ନରେଶ ଚନ୍ଦ୍ର ପଟ୍ଟନାୟକ)

ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ପଛୁଆ ଓଡ଼ିଶାର ବିକାଶ ପାଇଁ ସମ୍ମିଳିତ ଉଦ୍ୟମ ଆବଶ୍ୟକ। ଡାକ୍ତରମାନେ ହେଉଛନ୍ତି ଭଗବାନ, ସେମାନେ ନିରନ୍ତର ଭାବେ ସେବା ଯୋଗାଇ ଦେଉଥିବାରୁ ସାଧାରଣ ଲୋକେ ସୁସ୍ଥ ହୋଇ ଏକ ବିକଶିତ ରାଷ୍ଟ୍ରର ପରିକଳ୍ପନା କରିପାରୁଛନ୍ତି। ଉତ୍କର୍ଷ ଓଡ଼ିଶା କାର୍ଯ୍ୟକ୍ରମରେ ରାଜ୍ୟକୁ ୧୩ ଲକ୍ଷ କୋଟି ଟଙ୍କାର ବିନିଯୋଗ ପ୍ରସ୍ତାବ ଆସିଥିବା ବେଳେ ସ୍ୱାସ୍ଥ୍ୟକ୍ଷେତ୍ରରେ ୫୦ହଜାର କୋଟି ଟଙ୍କାର ବିନିଯୋଗ ପ୍ରସ୍ତାବ ଆସିଛି ବୋଲି ଇଣ୍ଡିଆନ ମେଡିକାଲ ଆସୋସିଏଶନ, ଓଡ଼ିଶା ଶାଖାର ୭୪ତମ ବାର୍ଷିକ ସମ୍ମିଳନୀ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରକାଶ କରିଛନ୍ତି।

ମୁଖ୍ୟମନ୍ତ୍ରୀ ବକ୍ତବ୍ୟରେ ଆହୁରି କହିଥିଲେ, ରାଜ୍ୟ ସ୍ୱାସ୍ଥ୍ୟ ବଜେଟ୍‌ରେ ଏକ ବଡ଼ ଭାଗ ରଖିଥିବାବେଳେ ସଚେତନତାର ଅଭାବ ଯୋଗୁ ଆମେ ଅନେକ ପ୍ରକାର ରୋଗର ଶିକାର ହେଉଛନ୍ତି। ରାଜ୍ୟରେ ବିଭିନ୍ନ ପ୍ରକାରର ବିକାଶ ହେଲେ ମଧ୍ୟ ସ୍ୱାସ୍ଥ୍ୟସେବାର ବିକାଶ ନ ହେଲେ ଉତ୍କର୍ଷ ଓଡ଼ିଶା ପରିକଳ୍ପନା ସମ୍ଭବ ନୁହେଁ। ରାଜ୍ୟ ବଜେଟ୍‌ରେ ସ୍ୱାସ୍ଥ୍ୟକୁ ଯଥେଷ୍ଟ ଗୁରୁତ୍ୱ ଦିଆଯାଇଛି। ବିଶ୍ୱର ବୃହତ୍ତମ ଜନ ଆରୋଗ୍ୟ ଯୋଜନା ଯେଉଁଥିରେ ଦେଶର ୬୦ କୋଟି ଲୋକ ଅନ୍ତର୍ଭୁକ୍ତ ସେହି ଆୟୁଷ୍ମାନ୍ ଭାରତ ଯୋଜନା ଓଡ଼ିଶାବାସୀଙ୍କୁ ଅଧିକ ସେବା ଦେବ। ଉତ୍କର୍ଷ ଓଡ଼ିଶା କାର୍ଯ୍ୟକ୍ରମରେ ରାଜ୍ୟକୁ ୧୩ ଲକ୍ଷ କୋଟି ଟଙ୍କାର ବିନିଯୋଗ ପ୍ରସ୍ତାବ ଆସିଥିବା ବେଳେ କେବଳ ସ୍ୱାସ୍ଥ୍ୟକ୍ଷେତ୍ରରେ ୫୦ହଜାର କୋଟି ଟଙ୍କାର ବିନିଯୋଗ ପ୍ରସ୍ତାବ ଆସିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ସ୍ୱାସ୍ଥ୍ୟସେବା ପ୍ରକଳ୍ପରେ ୨୫ ହଜାର ନିଯୁକ୍ତି ମିଳିବ ବୋଲି ଜଣାପଡ଼ିଛି। ୨୦୨୪-୨୫ରେ ଆମ ସରକାର ୨୧ ହଜାର କୋଟି ଟଙ୍କା ସ୍ୱାସ୍ଥ୍ୟରେ ବଜେଟ ବ୍ୟବସ୍ଥା କରିଥିଲେ। ୨୦୩୬ରେ ଓଡ଼ିଶା ପ୍ରତିଷ୍ଠାର ଏକଶହ ବର୍ଷ ପୂର୍ତ୍ତି ପାଳନ ଅବସରରେ ଆମେ ଏକ ବିକଶିତ ଓଡ଼ିଶା କିପରି ଗଠନ କରିପାରିବା ସେଥିପାଇଁ ଏବେଠାରୁ ଚିନ୍ତା କରିବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ। ରାଜ୍ୟର ବିଭିନ୍ନ ସ୍ଥାନରେ ମେଡିକାଲ କଲେଜ ପ୍ରତିଷ୍ଠା ହୋଇଥିବା ବେଳେ ଏଥିପାଇଁ ରାଜ୍ୟ ସରକାର ୪୦ ପ୍ରତିଶତ ଓ କେନ୍ଦ୍ର ସରକାର ୬୦ ପ୍ରତିଶତ ଦେବାର ନିୟମ ଥିବା ବେଳେ କେନ୍ଦୁଝରରେ ପ୍ରତିଷ୍ଠା ଲାଭ କରିଥିବା ମେଡିକାଲ କଲେଜରେ ସମ୍ପୂର୍ଣ୍ଣ ଜିଲା ଖଣିଜ ପ୍ରତିଷ୍ଠାନ ଅର୍ଥରୁ ବିନିଯୋଗ ହୋଇଛି। ଏହି ମେଡିକାଲ କଲେଜ ଉଦ୍‌ଘାଟନ ହେବାର ୨ ବର୍ଷ ଅତିକ୍ରାନ୍ତ ହେବାକୁ ବସିଥିଲେ ମଧ୍ୟ ମାତ୍ର ୪ଟି ବିଭାଗକୁ ଛାଡ଼ି ଅନ୍ୟ କୌଣସି ବହିର୍ବିଭାଗ ଖୋଲି ନ ଥିବା ଦର୍ଶାଇ ତୁରନ୍ତ ଅନ୍ତର୍ବିଭାଗ ଖୋଲିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ।

# ବିଦ୍ୟାଳୟର ବାର୍ଷିକୋତ୍ସବ



ବାର୍ଷିକୋତ୍ସବର ମଞ୍ଚରେ ଅତିଥି ଓ ଅନ୍ୟମାନେ।

ବଡବିଲ,୯।୨(ଦେବପ୍ରିୟ ରଣା)

କେନ୍ଦୁଝର ଜିଲା ମାଟକାମବେଡ଼ାସ୍ଥିତ ସରକାରୀ (ଏସ୍ଏସ୍‌ଡି-ଏସ୍‌ଟିଏସ୍‌ସି ଡେଭଲପମେଣ୍ଟ) ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକୋତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। କେନ୍ଦୁଝର ଜିଲା ମଙ୍ଗଳ ଅଧିକାରୀ ପ୍ରବୀର କୁମାର ଦେଓଙ୍କ ଅଧ୍ୟକ୍ଷତାରେ ଆବାସିକ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥିଭାବେ ଚମ୍ପୁଆ ପ୍ରକଳ୍ପ ପ୍ରଶାସକ ରାମକୃଷ୍ଣ ଗୋଣ୍ଡ, ମୁଖ୍ୟ ବକ୍ତାଭାବେ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କେଦାରନାଥ ଦେହୁରୀ, ସମ୍ମାନିତ ଅତିଥିଭାବେ ଯୋଡ଼ା ବ୍ଲକ୍ ସମ୍ପ୍ରସାରଣ ଅଧିକାରୀ ସ୍ୱରୂପରାଜ ବିଶୋଇ, ବଲାଣୀ ଡିଏଭି ସ୍କୁଲ ପ୍ରିନ୍ସିପାଲ ରାହାସ ବିହାରୀ ପଟ୍ଟନାୟକ, +୨ ବିଭାଗ ଭାରପ୍ରାପ୍ତ ଅଧ୍ୟକ୍ଷ ହେମନ୍ତ କୁମାର ଘଡ଼ିଆ ଏବଂ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ମଙ୍ଗଲୁ ନାଏକ ପ୍ରମୁଖ ଯୋଗଦେଇ ବିଦ୍ୟାଳୟର ମୁଖପତ୍ର ଚମ୍ପାଝରର ଶୁଭ ଉନ୍ମୋଚନ କରିଥିଲେ। ଶେଷରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

# ମୁଖ୍ୟମନ୍ତ୍ରୀଙ୍କୁ ଜିଲାର ସମସ୍ୟା ଜଣାଇଲା ଯୁବ ଓ ଶ୍ରମ ବିକାଶ ମଞ୍ଚ

କେନ୍ଦୁଝର,୯।୨(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର ଦିନିକିଆ କେନ୍ଦୁଝରଗସ୍ତରେ ଆସି କେନ୍ଦୁଝର ଧରଣୀଧର ଭେଷଜ ମହାବିଦ୍ୟାଳୟର ଅଡିଟରିୟମରେ ସର୍ବ ଭାରତୀୟ ମେଡିକାଲ ଆସୋସିଏଶନର ଓଡ଼ିଶା ଶାଖାର ଉତ୍ସବକୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଯୁବ ଓ ଶ୍ରମ ବିକାଶ ମଞ୍ଚ କେନ୍ଦୁଝରଗଡ଼ ତରଫରୁ ଜିଲାର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଲିଖିତ ଦାବିପତ୍ର ପ୍ରଦାନ କରାଯାଇଥିଲା।

ଦାବି ମୁତାବକ, କେନ୍ଦୁଝର ଜାମୁନାଳିଆସ୍ଥିତ ସରକାରୀ ଡିଗ୍ରୀ ଯାନ୍ତ୍ରିକ ମହାବିଦ୍ୟାଳୟରେ ସମସ୍ତ ମଞ୍ଜୁରୀପ୍ରାପ୍ତ ପଦବୀକୁ ପୂରଣ ସହିତ କଲେଜକୁ ସ୍ୱୟଂଶାସିତ ମହାବିଦ୍ୟାଳୟ ଘୋଷଣା, ଏମ୍‌ଟେକ ଶିକ୍ଷା ପ୍ରଦାନ, ଛାତ୍ରୀଛାତ୍ରଙ୍କ ପାଇଁ ଉପଯୁକ୍ତ ଖେଳପଡ଼ିଆ, କଲେଜକୁ ଉନ୍ନତ ପ୍ରଶସ୍ତ ରାସ୍ତା ନିର୍ମାଣ ଦାବି କରାଯାଇଥିଲା। ଅନୁରୂପ ଭାବେ ମେଡିକାଲ କଲେଜରୁ କେମ୍ପସଡ଼ା, ସେଣ୍ଡକାପ କାଠବାଉଁଶୁଳି ଦେଇ କାଞ୍ଜିଆଶୁଳା ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗ ଦ୍ୱାରା ରାଜ୍ୟ ରାଜପଥ ନିର୍ମାଣ, ପୁରୀରୁ କେନ୍ଦୁଝର ଦେଇ ଆନନ୍ଦବିହାର (ଦିଲ୍ଲୀ) ଯାଉଥିବା ଟ୍ରେନ୍‌କୁ ସପ୍ତାହକୁ ଦିନେ ପରିବର୍ତ୍ତେ ସପ୍ତାହକୁ ୭ ଦିନ ଚଳାଚଳ କରିବା, କେନ୍ଦୁଝରରୁ ଟାଟା ଦେଇ କୋଲକାତାକୁ ଦୈନିକ ଦ୍ରୁତଗାମୀ ପାସେଞ୍ଜର ରେଳ ସେବା ଯୋଗାଇଦେବା, ଟାଟାରୁ କେନ୍ଦୁଝର ଓ ଚେନ୍ନାଇ ଦେଇ ରେଳ ଚଳାଚଳ କରିବା, କେନ୍ଦୁଝରରେ ରେଳ ଇଞ୍ଜିନ, ରେଳ ଡବା ମରାମତି କାରଖାନା ପ୍ରତିଷ୍ଠା କରିବା, ମେଡିକାଲ କଲେଜକୁ ତୁରନ୍ତ ପୂର୍ଣ୍ଣ କାର୍ଯ୍ୟକ୍ଷମ ପ୍ରଦାନ, କେନ୍ଦୁଝର ସହର ଏବଂ ନିକଟବର୍ତ୍ତୀ ଗ୍ରାମଗୁଡ଼ିକର ନଷ୍ଟ ହୋଇଯାଇଥିବା ରାସ୍ତାଗୁଡ଼ିକର ତୁରନ୍ତ ମରାମତି କରି ଯାତାୟାତ ଉପଯୋଗୀ କରିବା, ଝୁମ୍ପୁରା ବ୍ଲକ୍ କୁଟୁଗାଁ ପଞ୍ଚାୟତର ଅପହଞ୍ଚ ସ୍ଥାନ ଜାମୁପଦା ସାହିକୁ ରାସ୍ତା ନିର୍ମାଣ ସହିତ ଅଙ୍ଗନୱାଡ଼ି କେନ୍ଦ୍ର ପ୍ରତିଷ୍ଠା କରିବା ଆଦି ବିଷୟରେ ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନା କରାଯାଇଥିଲା। ମୁଖ୍ୟମନ୍ତ୍ରୀ କେନ୍ଦୁଝରର ବିକାଶ ପାଇଁ ସମସ୍ତ ଦାବିଗୁଡ଼ିକୁ ଗୁରୁତର ସହିତ ନେଇ ଖୁବ୍‌ଶୀଘ୍ର ସମାଧାନ କରାଯିବ ବୋଲି କହିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଯୁବ ଓ ଶ୍ରମ ବିକାଶ ମଞ୍ଚ ସଭାପତି ରଞ୍ଜନ ବେହେରା, ସାଧାରଣ ସମ୍ପାଦିକା ଶୈଳବାଳା ପରିଡ଼ା, ଉପ ସଭାପତି ସୁରେଶ ଚନ୍ଦ୍ର ପଲେଇ, ସଭ୍ୟ ସୁରଥ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

# ଆଇକୋନିକ ଇଲେଭେନ ଚାମ୍ପିୟନ


ଟ୍ରଫି ସହ ବିଜେତା ଦଳର କ୍ରୀଡ଼ାବିତ୍‌ମାନେ।

## ସୁଶାନ୍ତ ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟ

ଛେନାପଦି,୯।୨(ନିରାକାର ପରିଡ଼ା)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ ଅନ୍ତର୍ଗତ ବିଦ୍ୟାଧରପୁର ଗ୍ରାମରେ ସୁଶାନ୍ତ ମେମୋରିଆଲ ପକ୍ଷରୁ ଅନୁଷ୍ଠିତ ୬ଷ୍ଠ ବାର୍ଷିକୀ ୩ ଦିନିଆ କ୍ରିକେଟ୍ ଟୁର୍ନାମେଣ୍ଟ ରବିବାର ମଧ୍ୟାହ୍ନ ୧୨ଟାରେ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ଟିକୁ ଚେଞ୍ଜର ଓ ଆଇକୋନିକ ଇଲେଭେନ ମଧ୍ୟରେ ଖେଳାଯାଇଥିଲା। ଆଇକୋନିକ ଇଲେଭେନ ଚାମ୍ପିୟନ ହୋଇଥିଲା। ଅନୁଷ୍ଠାନ ପକ୍ଷରୁ ବିଜୟୀ ଟିମ୍‌କୁ ଟ୍ରଫି ସହ ୧୦ ହଜାର, ରନର୍ସ ଅପ ଟିମକୁ ଟ୍ରଫି ସହ ୬ ହଜାର ଟଙ୍କା ପ୍ରଦାନ କରାଯାଇଛି। ସମ୍ବିତ ବିଶ୍ୱାଳ ଖେଳ ପରିଚାଳନା କରିଥିବା ବେଳେ ସୁଶାନ୍ତ ମେମୋରିଆଲର ସମସ୍ତ ସଦସ୍ୟ ମିଟୁ, ସୁଦୀପ୍ତ, ବାପୁନ, ଧଡ଼ିଆ, ଟୁଙ୍ଗା, ପୃଥୀରାଜ, ବିମଳ, ମାନସ, ବିଭୁ, ଟିପୁ ପ୍ରମୁଖ ଖେଳ ପରିଚାଳନା କରିଥିଲେ।

# ଅବସରକାଳୀନ ସମ୍ବର୍ଦ୍ଧନା

ହାଟଡ଼ିହୀ/ବଉଳା,୯।୨ (ଶୁଭକାନ୍ତ ନାୟକ/ ଦୁର୍ଗା ପ୍ରସାଦ ଆୟଚ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ କଳିଙ୍ଗା କପିଳେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟରେ ରବିବାର ଏକ ଅବସର ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଛି। ଉପସ୍ଥିତ ଅତିଥିମାନେ ବିଦ୍ୟାଳୟର ଶିକ୍ଷୟିତ୍ରୀ ବାସନ୍ତୀ କୁମାରୀ ସାହୁ, କାର୍ଯ୍ୟାଳୟ ସହାୟକ ଗିରିଧାରୀ ଦାସ ଏବଂ ଅଚ୍ୟୁତାନନ୍ଦ ଦାସଙ୍କୁ ଉପଢ଼ୌକନ, ପୁଷ୍ପଗୁଚ୍ଛ ଦେଇ ଅବସର ସମ୍ବର୍ଦ୍ଧନା ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମୃତ୍ୟୁଞ୍ଜୟ ପଲେଇ(ଟୁନୁ)ଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ହାଟଡ଼ିହୀ ବିଇଓ ଓମକାର ଅନ୍ୱେଷ, ମୁଖ୍ୟବକ୍ତାଭାବେ ଅଖିଳ ଭାରତୀୟ ଶୈକ୍ଷିକ ଶିକ୍ଷକ ମହାସଂଘ ସମ୍ପାଦକ କମଳ ଲୋଚନ ବିଶ୍ୱାଳ, ସମ୍ମାନିତ ଅତିଥିଭାବେ ହାଟଡ଼ିହୀ ଓଷ୍ଟା ସମ୍ପାଦକ ଶିଶିର ବିଶ୍ୱାଳ, କେନ୍ଦୁଝର ଓଷ୍ଟା ଉପ ସଭାପତି ରଞ୍ଜନ ଘଡ଼େଇ, ଓଷ୍ଟା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜ୍ଞାନେନ୍ଦ୍ର ଦେଓ, ହାଟଡ଼ିହୀ ଅତିରିକ୍ତ ବିଇଓ ପ୍ରମୋଦ ନାୟକ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ରତ୍ନାକର ପଣ୍ଡା, ବିଜୟ ଜେନା, ପ୍ରାକ୍ତନ ଅତିରିକ୍ତ ବିଇଓ ବିନୋଦ ରାଉତ, ଶିକ୍ଷକ ବିନୋଦ ବିହାରୀ ପଣ୍ଡା, ନବ ଲେଙ୍କା, ଭଗବାନ ମିଶ୍ର, ରଞ୍ଜନ ଘଡ଼େଇ, ଅଭୟ ଜେନା, ଶାନ୍ତନୁ ମିଶ୍ର, ବିଦ୍ୟାଳୟ କମିଟି ସଭାପତି ବିଶ୍ୱମ୍ଭର ମହାପାତ୍ର, ସ୍ଥାନୀୟ ସରପଞ୍ଚ ହେମଲତା ଜେନା ପ୍ରମୁଖ ଯୋଗ ଦେଇଥିଲେ । ଅତିଥିମାନେ ଅବସର ନେଉଥିବା ଶିକ୍ଷୟିତ୍ରୀ ଏବଂ ଅନ୍ୟ ଦୁଇ କର୍ମଚାରୀଙ୍କ ଚାକିରୀ ଜୀବନ କାର୍ଯ୍ୟକାଳ ମଧ୍ୟରେ ସେମାନଙ୍କର କର୍ତ୍ତବ୍ୟନିଷ୍ଠ ଦିଗରେ ଆଲୋକପାତ କରିଥିଲେ। ସମସ୍ତ କର୍ମଚାରୀ, କମିଟି ସଦସ୍ୟ, ଗ୍ରାମବାସୀ, ପଞ୍ଚଶଖା ଶିକ୍ଷା ସେତୁ ସଦସ୍ୟ, ଅଭିଭାବକ ମଣ୍ଡଳୀ କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ।



ସହାୟକଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଉଛି।

# ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ

ଢେଙ୍କିକୋଟ,୯।୨(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ସର୍ବ ପୁରାତନ ସ୍କୁଲ ସତ୍ୟନାରାୟଣ ବିଦ୍ୟାପୀଠ(ହାଇସ୍କୁଲ) ୧୯୮୬ ବ୍ୟାଚର ବନ୍ଧୁମିଳନ ରବିବାର ପର୍ଯ୍ୟଟନସ୍ଥଳ ଭୀମକୁଣ୍ଡଠାରେ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ରୀଛାତ୍ରମାନେ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ବହୁ ଉଚ୍ଚ ପଦସ୍ଥ କର୍ମଚାରୀଭାବେ କାର୍ଯ୍ୟରତ ଅଛନ୍ତି। ପ୍ରଥମେ ଦିବଂଗତ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ସେ ସମୟରେ ପ୍ରଧାନଶିକ୍ଷକ ସ୍ୱର୍ଗତ କୈଳାସ ଚନ୍ଦ୍ର ସାହୁ ଏବଂ ଲକ୍ଷ୍ମୀଧର ପୃଷ୍ଟିଙ୍କ ତତ୍ତ୍ୱାବଧାନରେ ହଷ୍ଟେଲରେ ରହି ପାଠ ପଢୁଥିଲେ। ୧୭ତମ ବନ୍ଧୁ ମିଳନରେ ୭୫ ଜଣ ଛାତ୍ରୀଛାତ୍ର ଯୋଗଦେଇ ନିଜ ନିଜ ମଧ୍ୟରେ ସୁଖ ଦୁଃଖ ବାଣ୍ଟି ଆନନ୍ଦିତ ହୋଇଥିଲେ। ଆଗାମୀ ଦିନରେ ସମସ୍ତେ ପରିବାର ସହ ଯୋଗଦେବାକୁ ଆୟୋଜକ ମହେଶ୍ୱର ମହାନ୍ତ, ମାନସ ରଞ୍ଜନ ବେହେରା ଏବଂ ସେକ ମୈମୁର, ଏସ୍‌କେ ଜାବେର ମତ ରଖିଥିବା ବେଳେ ସମସ୍ତ ବନ୍ଧୁ ସ୍ୱାଗତ କରିବା ସହ ତାଳିମାରି ସମର୍ଥନ କରିଥିଲେ। ପରସ୍ପର ମଧ୍ୟରେ ଭାବ ଆଦାନ ପ୍ରଦାନ କରି ସମସ୍ତେ ବହୁତ ଆନନ୍ଦ ଅନୁଭବ କରିଛନ୍ତି। ଶିକ୍ଷକ ପ୍ରଭାତ କୁମାର ପୃଷ୍ଟି ପରିଚାଳନା କରିଥିଲେ। ସମୀର କୁମାର ଲାହା, ଧୃବେନ୍ଦ୍ର କୁମାର ସାହୁ, ବିରଞ୍ଚି ବେହେରା, ଏମ୍‌ଡି ଜାବେର, ବୀଣାପାଣି ପଟ୍ଟନାୟକ, ତରୁଲତା ମହାନ୍ତ, ସରୋଜିନୀ ନାଏକ, ବୀଣାପାଣି ପାଳ, ସୁକାନ୍ତି ମହାକୁଡ଼, ପାର୍ବତୀ ନାୟକ ପ୍ରମୁଖ ସହଯୋଗ କରିଥିଲେ।



ସତ୍ୟନାରାୟଣ ବିଦ୍ୟାପୀଠ ୧୯୮୬ ବ୍ୟାଚ୍‌ର ଛାତ୍ରୀଛାତ୍ରମାନେ।

# ଦିଲ୍ଲୀରେ ବିଜୟ, କେନ୍ଦୁଝରରେ ଉତ୍ସବ

କେନ୍ଦୁଝର,୯।୨
(ନରେଶ ଚନ୍ଦ୍ର ପଟ୍ଟନାୟକ)

ଭାଜପାର ଦିଲ୍ଲୀରେ ଜବରଦସ୍ତ ବିଜୟ ପରେ କେନ୍ଦୁଝର ଭାଜପା ଶନିବାର ସନ୍ଧ୍ୟାରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଜୟ ଉତ୍ସବ ପାଳନ କରିଛି। ଜିଲା ଭାଜପା ସଭାପତି ଶୁକଦେବ ମହାନ୍ତ ଏବଂ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକଙ୍କ ଉପସ୍ଥିତିରେ ଅନେକ ଶହ ଭାଜପା କାର୍ଯ୍ୟକର୍ତ୍ତା ବାଜା ବଜାଇ ବାଣ ଫୁଟାଇ ମିଠା ବାଣ୍ଟି ବିଜୟ ଉତ୍ସବ ପାଳନ କରିଛନ୍ତି। ପାଟଣା ବିଧାୟକ ଝାଞ୍ଜି ବଜାଇ ଅନ୍ୟମାନଙ୍କୁ ଉତ୍ସାହିତ କରିଥିଲେ। ମହିଳା କାର୍ଯ୍ୟକର୍ତ୍ତାମାନେ ଦଳୀୟ ପତାକା ଧରି ନାଚି ନାଚି ଲୋକଙ୍କୁ ବିଜୟ ଶୁଭେଚ୍ଛା ଜଣାଇ ଥିଲେ। କାର୍ଯ୍ୟକ୍ରମରେ ଅନେକ ପୂର୍ବତନ ଜିଲା ସଭାପତି ଏବଂ କେନ୍ଦୁଝରଗଡ଼ ନଗର ସଭାପତି ଉପସ୍ଥିତ ଥିଲେ।

# ଅବସରପ୍ରାପ୍ତ ମୁଖ୍ୟ ଅମଲାଙ୍କ ବିୟୋଗ

ପାଟଣା,୯।୨(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ମୁଖ୍ୟାଳୟ କାମେଶ୍ୱରପୁର ଶାସନର ଅସରପ୍ରାପ୍ତ ଅମଲା ବିଦ୍ୟାଧର ଦାଶ(୮୨)ଙ୍କ ରବିବାର କଟକର ଏକ ଘରୋଇ ହସ୍ପିଟାଲରେ ପରଲୋକ ଘଟିଛି। ସେ କିଛିଦିନ ହେବ ନିମ୍ନ ରକ୍ତଚାପ ରୋଗରେ ପୀଡ଼ିତ ଥିଲେ। ସେ ପାଟଣା ବ୍ଲକ୍ କାର୍ଯ୍ୟାଳୟରେ ମୁଖ୍ୟ କିରାଣୀ ଭାବେ କାର୍ଯ୍ୟ କରିବା ପରେ ଚାକିରିରୁ ଅବସର ଗ୍ରହଣ କରିଥିଲେ। ମୃତଶଯ୍ୟା ନିକଟରେ ବଡ଼ ପୁଅ ରଶ୍ମି ରଞ୍ଜନ, ସାନ ପୁଅ ନିହାର ରଞ୍ଜନ, ଝିଅ ରଶ୍ମିତା ଉପସ୍ଥିତ ଥିଲେ। ବୈତରଣୀ ନଦୀ କୂଳ ଶ୍ମଶାନରେ ଅନ୍ତେଷ୍ଟି କ୍ରିୟା ସମ୍ପନ୍ନ ହୋଇଛି।

# ଜାତୀୟସ୍ତରର ହୁଇଲଚେୟାର କ୍ରିକେଟ ଖେଳୁଛନ୍ତି ମଙ୍ଗଳ


ମଙ୍ଗଲ ଲୋହାର

## ଇଚ୍ଛାଶକ୍ତି ଆଗରେ ହାର୍‌ମାନିଛି ଶାରୀରିକ ଅକ୍ଷମତା

ଯୋଡ଼ା,୯।୨(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ସହରର ଦିବ୍ୟାଙ୍ଗ ଯୁବକ ମଙ୍ଗଲ ଲୋହାର ଗୋଟିଏ ଗୋଡ଼ ହରାଇ ମଧ୍ୟ କ୍ରିକେଟ ଖେଳରେ ଜଣେ ଅପ୍ରତିଦ୍ୱନ୍ଦ୍ୱୀ ଖେଳାଳି ଭାବେ ନିଜର ପରିଚୟ ସୃଷ୍ଟି କରିପାରିଛନ୍ତି। ଗୋଟିଏ ଗୋଡ଼ରେ ଚମତ୍କାର ଭାବେ କ୍ରିକେଟ୍ ଖେଳି ତାଙ୍କ ପ୍ରତିଭା ପ୍ରଦର୍ଶନ କରି ଜାତୀୟସ୍ତରକୁ ଉନ୍ନୀତ ହୋଇଛନ୍ତି। ମଧ୍ୟ ପ୍ରଦେଶର ଇନ୍ଦୋରଠାରେ ଜାତୀୟସ୍ତରରେ ହେଉଥିବା ଟ୍ରାଇ ସାଇକେଲ କ୍ରିକେଟ ଟୁର୍ନାମେଣ୍ଟରେ ସେ ଓଡ଼ିଶା ଦଳରେ ସ୍ଥାନ ପାଇଛନ୍ତି।

ସୂଚନା ଅନୁଯାୟୀ, ମଙ୍ଗଲ ସ୍କୁଲ ସମୟରୁ କ୍ରିକେଟ୍ ଖେଳୁଥିଲେ। ସେ ସମୟରେ ତାଙ୍କ ଗୋଡ଼ରେ ଆଘାତ ଲାଗିଥିଲା। ବହୁ ଚିକିତ୍ସା ପରେ ଗୋଡ଼ ଭଲ ହୋଇପାରି ନ ଥିଲା। ଫଳରେ ତାଙ୍କୁ ଗୋଟିଏ ଗୋଡ଼ ହରାଇବାକୁ ପଡ଼ିଥିଲା। ଗୋଟିଏ ଗୋଡ଼ ହରାଇ ମଧ୍ୟ କ୍ରିକେଟ୍ ଖେଳିବାକୁ ମନୋବଳ ଦୃଢ଼ କରି ପଡ଼ିଆକୁ ଓହ୍ଲାଇଥିଲେ। ପ୍ରବଳ ଇଚ୍ଛାଶକ୍ତି ଯୋଗୁ ସେ ନିରନ୍ତର ଅଭ୍ୟାସ ଜାରି ରଖିଥିଲେ। ଶେଷରେ ତାଙ୍କ ଇଚ୍ଛାଶକ୍ତି ଆଗରେ ଶାରୀରିକ ଅକ୍ଷମତା ହାର୍ ମାନିଥିଲା। ନିଜ ପରିଶ୍ରମ ବଳରେ ବିଭିନ୍ନ ବ୍ଲକସ୍ତରୀୟ, ଜିଲାସ୍ତରୀୟ ଖେଳରେ ଉତ୍ତମ ଖେଳ ପ୍ରଦର୍ଶନ କରି ପାରିଥିଲେ। ୨୦୨୨ରେ ଆନ୍ଧ୍ର ପ୍ରଦେଶରେ ଜାତୀୟସ୍ତରରେ ହୋଇଥିବା ଦିବ୍ୟାଙ୍ଗ ହୁଇଲ୍ ଚେୟାର ଟୁର୍ନାମେଣ୍ଟରେ ଓଡ଼ିଶା ଦଳରୁ ଖେଳି ସୁନାମ ଅର୍ଜନ କରିଥିଲେ। ସେ ଜଣେ ଭଲ ବ୍ୟାଟ୍ସମ୍ୟାନ ଓ ଉଇକେଟ କିପର ଭାବେ ନିଜର ପରିଚୟ ସୃଷ୍ଟି କରିଛନ୍ତି। ମଙ୍ଗଲ ଛୋଟ ହୋଇଥିବା ବେଳେ ମା’ବାପାଙ୍କ ମୃତ୍ୟୁ ଘଟିଥିଲା। ତାଙ୍କ ଜୀବନ ଆର୍ଥିକ ଅନଟନ ହେତୁ ବହୁ ସଂଘର୍ଷପୂର୍ଣ୍ଣ ରହିଛି। ଏହାରି ମଧ୍ୟରେ ନିଜର ଖେଳ ପ୍ରତିଭାକୁ ନେଇ ବଡ଼ କମ୍ପାନୀ ପାଖକୁ ଯାଇଥିଲେ ହେଁ କୌଣସି ଆର୍ଥିକ ସହଯୋଗ ମିଳିପାରି ନ ଥିଲା। ସେ ପ୍ରଥମେ ପାନ ଦୋକାନ କରି ନିଜର ଗୁଜରାଣ ମେଣ୍ଟାଇବା ସହିତ ନିଜର କ୍ରିକେଟ୍ ଅଭ୍ୟାସ ଜାରି ରଖିଥିଲେ। ସେ ଏବେ ତାଙ୍କ ବଡଭାଇ ପାଖରେ ରହୁଛନ୍ତି। ଏବେ ପାନ ଦୋକାନ ବନ୍ଦ ହୋଇଯାଇଥିବା ବେଳେ ସାଙ୍ଗମାନଙ୍କ ଆର୍ଥିକ ସହଯୋଗରେ ଖେଳ ପାଇଁ ବାହାରକୁ ଯାଇପାରୁଛନ୍ତି। ଅନ୍ୟଥା ଭୁବନେଶ୍ୱରକୁ ମଧ୍ୟ ଗାଡ଼ିଭଡ଼ା କରି ଯିବାକୁ ଅସମର୍ଥ ହେଉଥିବା କହିଛନ୍ତି। ମଙ୍ଗଲ ଯୋଡ଼ାରେ ଯୁବବର୍ଗଙ୍କ ଏକ ପ୍ରେରଣା ପାଲଟିଥିବା ବେଳେ ବୁଦ୍ଧିଜୀବୀ ମହଲରେ ତାଙ୍କୁ ପ୍ରଶଂସା କରାଯାଇଛି ।

ସୂଚନାଯୋଗ୍ୟ, ମଙ୍ଗଲଙ୍କ ପ୍ରତିଭା ସମ୍ପର୍କିତ ଖବର ‘ଧରିତ୍ରୀ’ରେ ୨୦୧୭ ଜୁନ ୨ ତାରିଖରେ ପ୍ରଥମେ ଓ ୨୦୨୨ ମସିହା ଜୁନ୍ ୬ରେ ପ୍ରକାଶିତ ହୋଇଥିଲା।

# ଜିଲାପାଳ ନା ଟ୍ରଷ୍ଟ ବୋର୍ଡ ବୈଠକ ପ୍ରୋସିଡିଂ ରିପୋର୍ଟ ସତ

## ଠିକାସଂସ୍ଥାକୁ ଅନୁକମ୍ପା

କେନ୍ଦୁଝର/ହାଟଡ଼ିହୀ,୯।୨(ନରେଶ ଚନ୍ଦ୍ର ପଟ୍ଟନାୟକ/ଶୁଭକାନ୍ତ ନାୟକ)

କେନ୍ଦୁଝର ଡିଏମ୍ଏଫ୍ ଟ୍ରଷ୍ଟର ପିଏମ୍‌ୟୁ ତଥା ଠିକାସଂସ୍ଥା ଇଆଣ୍ଡୱାଇ ଏଲ୍ଏଲ୍‌ପିଙ୍କୁ ଅହେତୁକ ଅନୁକମ୍ପା ପ୍ରଦାନ କରାଯାଇଥିବା ଅଭିଯୋଗ ହୋଇଛି। ଟ୍ରଷ୍ଟ ବୋର୍ଡ ବୈଠକ ବିନା ସଂସ୍ଥାର କାର୍ଯ୍ୟ ଅବଧି, ଦରମା, କର୍ମଚାରୀ ସଂଖ୍ୟା ବୃଦ୍ଧି କରାଯାଇଥିଲା। ଟ୍ରଷ୍ଟ ବୋର୍ଡ ବୈଠକରେ ଆପ୍ରୁଭାଲ କିମ୍ବା ଟ୍ରଷ୍ଟ ବୋର୍ଡ ଏଜେଣ୍ଡାରେ ସ୍ଥାନିତ ହୋଇ ନ ଥିବା କିମ୍ବା ଏ ନେଇ ବଜେଟ ପ୍ଲାନ୍ ମଧ୍ୟ ନ ଥିବା ବୈଠକର ପ୍ରୋସିଡିଂ ରିପୋର୍ଟରୁ ଜଣାପଡ଼ିଛି। ମାତ୍ର ଜିଲାପାଳଙ୍କ ଦସ୍ତଖତ ଥିବା ରିପୋର୍ଟରେ ଅନୁଷ୍ଠିତ ୧୧ତମ ଟ୍ରଷ୍ଟ ବୋର୍ଡରେ ଉକ୍ତ ଏଗ୍ରିମେଣ୍ଟ ଆପ୍ରୁଭାଲ ହୋଇଥିବା ଦର୍ଶାଯାଇଛି। ଫଳରେ ଟ୍ରଷ୍ଟ ବୋର୍ଡ ରିପୋର୍ଟ ନା ଜିଲାପାଳ ସତ କହୁଛନ୍ତି, ତାହା ଦ୍ୱନ୍ଦ୍ୱ ସୃଷ୍ଟି କରୁଛି।

ପ୍ରକାଶ ଯେ, କେନ୍ଦୁଝର ଡିଏମ୍ଏଫ୍ ଟ୍ରଷ୍ଟର ପିଏମ୍‌ୟୁ(ପ୍ରୋଜେକ୍ଟ ମ୍ୟାନେଜମେଣ୍ଟ ୟୁନିଟ୍) ଭାବେ ଇଆଣ୍ଡୱାଇ ଏଲ୍ଏଲ୍‌ପି ନାମକ ଗୁରୁଗାଓଁର ଏକ ସଂସ୍ଥା ଠିକା ନେଇଛି। ଏହାର ସମୟ ଅବଧି ପ୍ରଥମେ ୩ ବର୍ଷ ପାଇଁ ୭ ଏପ୍ରିଲ ୨୦୧୭ରୁ ୬ ଏପ୍ରିଲ ୨୦୨୦ ପର୍ଯ୍ୟନ୍ତ ଥିଲା। ୧୩ ଜୁନ୍ ୨୦୧୯ରେ ଡିଏମ୍ଏଫ୍ ଏକ୍‌ଜିକ୍ୟୁଟିଭ କମିଟି ବୈଠକ ଜରିଆରେ ସଂସ୍ଥାର ଦରମା, କର୍ମଚାରୀ ସଂଖ୍ୟା ବୃଦ୍ଧି କରାଯାଇଥିଲା। ଏଥିସହ ଅବଧି ସମୟ ସରିବା ପୂର୍ବରୁ ୪ ଜାନୁଆରୀ ୨୦୨୦ରେ ଅନୁଷ୍ଠିତ ଡିଏମ୍ଏଫ୍ ଏକ୍‌ଜିକ୍ୟୁଟିଭ କମିଟି ବୈଠକ ଜରିଆରେ ଆଉ ୨ ବର୍ଷ ପାଇଁ ବୃଦ୍ଧି କରାଯାଇଥିଲା । ତେବେ ଡିଏମ୍ଏଫ୍ ରୁଲ୍ ୨୦୧୫ର ରୁଲ୍ ୬ ଅନୁସାରେ ପିଏମ୍‌ୟୁର ଦରମା, କର୍ମଚାରୀ ସଂଖ୍ୟା, ସମୟ ଅବଧିକୁ ବୃଦ୍ଧି କରିବା କ୍ଷମତା ଡିଏମ୍ଏଫ୍ ଏକ୍‌ଜିକ୍ୟୁଟିଭ କମିଟି ପରିସରଭୁକ୍ତ ନୁହେଁ। କିନ୍ତୁ ୭ ଏପ୍ରିଲ ୨୦୨୨ରେ ପୁଣି ସେହି ସମାନ ସଂସ୍ଥା ୩ ବର୍ଷ ପାଇଁ ଏଗ୍ରିମେଣ୍ଟ କରିଥିଲା। ଉକ୍ତ ଏଗ୍ରିମେଣ୍ଟ ଶେଷ ଅର୍ଥାତ୍ ୧୯ ନଭେମ୍ବର ୨୦୨୨ରେ ଅନୁଷ୍ଠିତ ୧୧ତମ ଟ୍ରଷ୍ଟ ବୋର୍ଡ ବୈଠକରେ ଆପ୍ରୁଭାଲ କିମ୍ବା ଟ୍ରଷ୍ଟ ବୋର୍ଡ ଏଜେଣ୍ଡାରେ ସ୍ଥାନିତ ହୋଇ ନ ଥିବା କିମ୍ବା ଏ ନେଇ ବଜେଟ ପ୍ଲାନ ମଧ୍ୟ ନ ଥିବା ବୈଠକର ପ୍ରୋସିଡିଂ ରିପୋର୍ଟରୁ ଜଣାପଡ଼ିଛି। ଅପରପକ୍ଷେ ଚିଠି (ନଂ. ୧୫୬୦/୬ ଜୁଲାଇ ୨୦୨୪) ଅନୁଯାୟୀ ଖୋଦ ଜିଲାପାଳଙ୍କ ଦସ୍ତଖତ ଥିବା ୧୫ ପୃଷ୍ଠା ସମ୍ବଳିତ ଏକ ରିପୋର୍ଟ କେନ୍ଦୁଝର ଏମ୍‌ପି ଅନନ୍ତ ନାୟକଙ୍କୁ ପ୍ରଦାନ କରାଯାଇଥିଲା। ଉକ୍ତ ରିପୋର୍ଟର ପୃଷ୍ଠା ନଂ. ୮ରେ ଅନୁଷ୍ଠିତ ୧୧ତମ ଟ୍ରଷ୍ଟ ବୋର୍ଡରେ ଉକ୍ତ ଏଗ୍ରିମେଣ୍ଟ ଆପ୍ରୁଭାଲ ହୋଇଥିବା ଦର୍ଶାଯାଇଛି। ତେବେ ଏମ୍‌ପିଙ୍କୁ ଜିଲାପାଳ ଦେଇଥିବା ରିପୋର୍ଟ ସତ ନା ଟ୍ରଷ୍ଟ ବୋର୍ଡ ବୈଠକର ପ୍ରୋସିଡିଂ ରିପୋର୍ଟ ସତ ତାହା ଆଉ ଏକ ମୁଖ୍ୟ ପ୍ରସଙ୍ଗ ସାଜିଛି। ଏଗ୍ରିମେଣ୍ଟର ପୃଷ୍ଠା ନଂ. ୨୨(ପେମେଣ୍ଟ ସିଡ୍ୟୁଲ)ରେ ପିଏମ୍‌ୟୁ କର୍ମଚାରୀମାନେ ପ୍ରତି ମାସକୁ ୧୦୦ ଶତକଡା ଦରମା ନେବେ ବୋଲି ଉଲ୍ଲେଖ ଥିବାବେଳେ ପୃଷ୍ଠା ନଂ. ୨୭(ଇନ୍‌ଭଏସ ଫର୍ମାଟ)ରେ ୯୦ ଶତକଡା ଦରମା ନେବେ ବୋଲି ଉଲ୍ଲେଖ ରହିଛି। ଏଗ୍ରିମେଣ୍ଟର ସତ୍ୟତାକୁ ନେଇ ସନ୍ଦେହ ଉପୁଜିଛି।

ସୂଚନାଯୋଗ୍ୟ, ଉକ୍ତ ଠିକାସଂସ୍ଥା(ପିଏମ୍‌ୟୁ) ପ୍ରତି ମାସ ୧୦୦ ପ୍ରତିଶତ ମ୍ୟାନେଜମେଣ୍ଟ ଫି’ ଡିଏମ୍ଏଫ୍ ଫଣ୍ଡରୁ ନେଉଥିବା ବେଳେ ଟିଏ, ଡିଏ ମଧ୍ୟ ନେଉଛି, ଯାହାକି ଆଇନ ସମ୍ମତ ନୁହେଁ। ଏପରି କି ପିଏମ୍‌ୟୁରେ ନୂଆ ନୂଆ ଅନଭିଜ୍ଞ କର୍ମଚାରୀଙ୍କୁ ବିନା ଅନୁମୋଦନରେ ନିଯୁକ୍ତି କରାଯାଉଛି। ଚିଠି ନଂ. ୪୫୦୦/୨୯ ଡିସେମ୍ବର ୨୦୨୩ ଅନୁସାରେ ୧୬ ଅଗଷ୍ଟ ୨୦୨୨ରେ ଉକ୍ତ ପିଏମ୍‌ୟୁ କର୍ମଚାରୀଙ୍କ ଅଗ୍ରିମ ଦରମା ବାବଦରେ ୧ କୋଟି ୭୦ ଲକ୍ଷ ୫୫ ହଜାର ୭୨୦ଟଙ୍କା ଡିଏମ୍ଏଫ୍ ଫଣ୍ଡରୁ ନେବାରେ ସକ୍ଷମ ହୋଇଛି। ଏପରି କି ପିଏମ୍‌ୟୁର ଉପସ୍ଥାନ ଖାତା, ଅନୁପସ୍ଥିତ ଷ୍ଟେଟ୍‌ମେଣ୍ଟ ଉପଲବ୍ଧ ନ ଥିବା ଡିଏମ୍ଏଫ୍ ଅଫିସରୁ ସୂଚନା ମିଳିଛି।

